Postal Regd. No.: SBP/14/2025-2027

ସାପ୍ତାହିକ
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୺ ଶରତ ନାରାୟଣ ବେହେରା
RNI No. 66443/94

Vol.29 | Issue - 32 | 10 - 16 August 2025 | Sambalpur | Pages- 8 | Invitation Price Rs.10

କବି ଗଙ୍ଗାଧର ସାହିତ୍ୟ ଓ ସଙ୍ଗୀତର ଅନନ୍ୟ ରୂପକାର: କୃଷ୍ଣକେଶବ ଷଡ଼ଙ୍ଗୀ

ସମ୍ବଲପୁର : ସଙ୍ଗୀତ ବିନା ସାହିତ୍ୟ ଓ ସାହିତ୍ୟ ବିନା ସଙ୍ଗୀତର ଅବସ୍ଥିତି ବା ଅଗ୍ରଗତି ସମ୍ଭବ ନୁହେଁ । କବି ଗଙ୍ଗାଧର ଥିଲେ ଏ ଉଭୟର ଅନନ୍ୟ ରୂପକାର ବୋଲି ବିଶିଷ୍ଟ ବାଗ୍ମୀ ତଥା ଗଙ୍ଗାଧର ସାହିତ୍ୟ ଗବେଷକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କହିଛନ୍ତି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଡକ୍ଟର ରାଧାନଥ ରଥ କମ୍ୟୁନିଟି ସେଣ୍ଟର ଠାରେ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗଙ୍ଗାଧର ସାହିତ୍ୟ ଓ ସଙ୍ଗୀତ ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଡାକ୍ତର ଷଡଙ୍ଗୀ ଗଙ୍ଗାଧରଙ୍କ ସଙ୍ଗୀତଜ୍ଞାନ ଓ ସଙ୍ଗୀତରସିକତାର ଅବତାରଣା କରି କହିଥିଲେ ଯେ, ରୀତିସାହିତ୍ୟର ଶ୍ରେଷ୍ଠ କାବ୍ୟକାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସୁଯୋଗ୍ୟ ଉତ୍ତରଦାୟାଦ ଭାବରେ କବି ଗଙ୍ଗାଧର ଅନେକ ରାଗରାଗିଣୀର ପ୍ରୟୋଗରେ ତାଙ୍କର ଶ୍ରେଷ୍ଠକୃତି ତପସ୍ୱିନୀକୁ ଏକାଧାରରେ ଶବ୍ଦ ଓ ସ୍ୱରରେ ସରସ ଓ ସୁରମ୍ୟ କରିଛନ୍ତି । କେବଳ ସର୍ଗଗୁଡିକରେ ରାଗର ସଂଯୋଗ କରି ନାହାନ୍ତି । ବରଂ ସର୍ଗ-ଅନ୍ତର୍ଗତ ବିଷୟ ଓ ଚରିତ୍ରମାନଙ୍କୁ ମଧ୍ୟ ସଙ୍ଗୀତମୟ କରିଦେଇଛନ୍ତି । ସତୀ ସୀତାଙ୍କ ଦୁଃଖକୁ ଅନୁଭବ କରି ପ୍ରକୃତି ପବନର ସରସର ସ୍ୱରଛଳରେ ନିୟତି ବିରୋଧରେ ପ୍ରତିବାଦର ସ୍ୱର ଉଠାଇଛି । ପୁନଶ୍ଚ ସୀତାଙ୍କ କ୍ରନ୍ଦନଧ୍ୱନି ଶୁଣି ମୁନିକୁମାରୀମାନେ କିପରି ସ୍ୱରର ପରଖରେ ସୀତାଙ୍କ ନାରୀକଣ୍ଠକୁ ଚିହ୍ନି ପାରିଥିଲେ । ତାହାକୁ ପଦଗାନ ମାଧ୍ୟମରେ ଡାକ୍ତର ଷଡଙ୍ଗୀ ପ୍ରମାଣିତ କରିଥିଲେ । ସେହିପରି ଗୀତରୁ ସଙ୍ଗୀତକୁ ଉତ୍ତରିତ ହୋଇଥିବା ମେହେର ରଚନାର ଉଦାହରଣ ଦେଇ ସେ ଗୀତ-ବାଦ୍ୟ-ନୃତ୍ୟର ସମ୍ମେଳନକୁ 'ତପସ୍ୱିନୀ'ର ଚତୁର୍ଥ ସର୍ଗରୁ

ଅବତାରଣା କରିଥିଲେ । ଆହୁରି ମଧ୍ୟ 'ତପସ୍ୱିନୀ'ର ବିଭିନ୍ନସର୍ଗରେ ଥିବା ସଙ୍ଗୀତଭିତ୍ତିକ ତତ୍ତ୍ୱର ବିଶ୍ଳେଷଣ କରି ଗଙ୍ଗାଧରଙ୍କ ସଙ୍ଗୀତଜ୍ଞାନର ଭୂୟସୀ ପ୍ରଶଂସା କରିଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମିତ୍ତ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଦ୍ୱାରିକାନାଥ ନାୟକ କହିଥିଲେ ଯେ, କବି ଗଙ୍ଗାଧର ମେହେର ତପସ୍ୱିନୀ କାବ୍ୟରେ ସୀତାଙ୍କ ଚରିତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି । ୧୯୨୪ରେ ମେହେର କବିଙ୍କ ମହାପ୍ରୟାଣ ପରେ ବରଗଡ ଜିଲ୍ଲା ଯୋଖିପାଲିର କବି ଶ୍ରୀବତ୍ସ ମହାପାତ୍ର

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଗଙ୍ଗାଧର ସାହିତ୍ୟ ଓ ସଙ୍ଗୀତ ଉତ୍ସବ

ରାମଚରିତକୁ ନେଇ ରଚନା କରିଥିବା 'ତପସ୍ୱୀ'କୁ ଲୋକଲୋଚନକୁ ଆଣି ଏହା ଉପରେ ଗବେଷଣା କରାଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱାଳନ ବେଳେ ବିନିକାସ୍ଥ ସିଦ୍ଧାର୍ଥ ଡିଗ୍ରୀ ମହା-ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ବେଦମନ୍ତ୍ର ଓ ସମଲେଶ୍ୱରୀ ସ୍ତୋତ୍ର ପାଠ କରିଥିବାବେଳେ ଡକ୍ଟର ଶ୍ୟାମସୁନ୍ଦର ଧର ଅତିଥି ପରିଚୟ, ପତ୍ରିକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହାପରେ ଅଧ୍ୟାପକ ମୋହନ ସାହୁଙ୍କ ସଂଯୋଜନା ଓ ପ୍ରଫୁଲ୍ଲ ମିତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଅନୁଷ୍ଠିତ ସଙ୍ଗୀତ ସତ୍ରରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ବିଭୁତି ପଟ୍ଟନାୟକ, ମିଳନ ମହାରଣା, ଶୁଭକାନ୍ତ ପଟ୍ଟନାୟକ, ରବିନ୍ଦ୍ର ପଣ୍ଡା, ନିର୍ମଳ ଚାନ୍ଦ, ମଳୟ ଦାଶ, ରଣଜିତ ଚନ୍ଦ୍ର, ସୁପ୍ରଭା ପାଢୀ, ଏମ୍.ଶାନ୍ତିସୁଧା, କଲ୍ୟାଣୀ ରଥ, କଳ୍ପନା ପତି, ଅର୍ପିତା ବେହେରା, ଶ୍ରୁତିପ୍ରିୟା ମିତ୍ର, ସୁନନ୍ଦା ପାଣିଗ୍ରାହୀ, ଲୋପାମୁଦ୍ରା ବାଗ ଓ ନିବେଦିତା ବଳ ଗଙ୍ଗାଧର ମେହେରଙ୍କ ସମଲାଇ ବନ୍ଦନା, କିଏ ଗୋ ତୁ ଜ୍ୟୋତିର୍ମୟୀ ଏବଂ ବିଶ୍ୱ ଦେଖ ମଧୁମୟର ସାଙ୍ଗୀତିକ ରୂପାନ୍ତରଣକୁ ଦଳଗତ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ସୁରେନ୍ଦ୍ର ବାଗ, ହରେକୃଷ୍ଣ ପ୍ରଧାନ, ଅଜୟ କୁମାର, ପ୍ରଶାନ୍ତ ବେଶନ, ଉମେଶ ଦଳାଇ, ପ୍ରମିତ କୁମାର ମିତ୍ର ସହଯୋଗ କରିଥିଲେ । ପରେ ବରଗଡ ଜିଲ୍ଲା ତାଳମେଣ୍ଡାର ବିଶିଷ୍ଟ ସଞ୍ଜାର ଶିଳ୍ପୀ ଅଲେଖ ସାହୁ ଓ ଗଣ୍ଡିଆପାଲିର ବାସୁଦେବ ପଶାୟତ ସଞ୍ଜାର ପରିବେଷଣ କରି ଗଙ୍ଗାଧର ମେହେରଙ୍କୁ ଭକ୍ତିଅର୍ଘ୍ୟ ବାଢିଥିଲେ । ଶେଷରେ ଓଡିଆ ପ୍ରାଧାପକ ଡକ୍ଟର ଶ୍ୟାମ ଭୋଇ ସମସ୍ତ ସାଂସ୍କୃତିକ ପରିବେଷଣ ଉପରେ ସମୀକ୍ଷାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଇଞ୍ଜିନିୟର ଏମ୍.କେ ରାଓ, ଲୋକନାଥ ରାଉତ ଓ କମଳ ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।

ଜାତୀୟ ରାଜପଥ-୪୯ ବାଇପାସ ନିର୍ମାଣରେ ଗୁରୁତର ଅନିୟମିତତା

ଝାରସୁଗୁଡ଼ା : ଜାତୀୟ ରାଜପଥ-୪୯ରେ ବାଇପାସ ରାସ୍ତା ଏବଂ ଆର୍‌ଓବି ନିର୍ମାଣକୁ ନେଇ ଗୋଟିଏ ପରେ ଗୋଟିଏ ଅନିୟମିତତା ସାମ୍ନାକୁ ଆସିବାରେ ଲାଗିଛି । ରାଜସ୍ୱ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ବିନା ନିର୍ମାଣକାରୀ ଠିକା ସଂସ୍ଥା ବେଆଇନ ଭାବେ ବ୍ୟବହାର କରିବା ସହ ପାଉଁଶ ପୋତିବା ନେଇ ଜାତୀୟ ରାଜପଥ ବିଭାଗ ସଂପୃକ୍ତ ସଂସ୍ଥାକୁ ତାଗିଦ କରି ପତ୍ର ଲେଖି ସାରିଛି । ଏଥିସହ ଆର୍‌ଏଫ୍‌ଆଇ ଏବଂ ମାର୍ଗଦର୍ଶିକାର ଉଲ୍ଲଂଘନ କରିଥିବା କାରଣରୁ ବିଭାଗୀୟ କର୍ତ୍ତୃପକ୍ଷ ସଂପୃକ୍ତ ଠିକା ସଂସ୍ଥାର ଠିକା ଚୁକ୍ତି ରଦ୍ଦ କରିବା ଲାଗି ସୁପାରିସ କରିଥିବା ନେଇ ନିର୍ବାହୀ ଯନ୍ତ୍ରୀ କହି ସାରିଛନ୍ତି । ଏଭଳି ସ୍ଥିତିରେ ନିର୍ମାଣାଧୀନ ରାଜପଥ ବାଇପାସ ରାସ୍ତାରେ ଏବେ ପାଉଁଶ ପୋତାକୁ ନେଇ ନୀତି ନିୟମକୁ ଜଳାଞ୍ଜଳି ଦିଆଯାଇଥିବା ବିଷୟ ସାମ୍ନାକୁ ଆସିଛି । ଏଠାରେ ଜାତୀୟ ରାଜପଥ ନିର୍ମାଣ ଠାରୁ ପାଉଁଶ ବେପାରକୁ ଅଧିକ ଗୁରୁତ୍ୱ ଦିଆ ଯାଉଥିବା ଦେଖାଯାଇଛି । ଝାରସୁଗୁଡ଼ା ଠାରେ ଅବସ୍ଥାପିତ ଏନ୍‌ଏଚ୍ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଗତ ଜୁନ ୪ ତାରିଖ ନିର୍ମାଣକାରୀ ଠିକା ସଂସ୍ଥା ଏମ ଏସ୍ ଇନଫ୍ରାଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍‌କୁ ଦେଇଥିବା ପତ୍ର ରାଜପଥ ନିର୍ମାଣ କାର୍ଯ୍ୟରେ ଅନିୟମିତତାକୁ ପଦାରେ ପକାଇଛି । ଇପିସି ଏଗ୍ରିମେଣ୍ଟ ଏବଂ ମାର୍ଗଦର୍ଶିକା ଅନୁଯାୟୀ କୌଣସି ରାଜପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଷ୍ଟେଜ୍ ପାସ୍ ଏବଂ ଫ୍ରିକ୍ୱେନ୍ସି ଟେଷ୍ଟ ହେବା ଆବଶ୍ୟକ । ସଂପୃକ୍ତ ଠିକା ସଂସ୍ଥା ଦ୍ୱାରା ଯାହାର ଖୋଲାଖୋଲି ଉଲ୍ଲଘନ କରାଯାଇଥିବା ପତ୍ରରେ ଉଲ୍ଲେଖ ରହିଛି । ବାହାନ ମାର୍ଗ (କ୍ୟାରେଜ ଓ୍ୱେ)ରେ ପାଉଁଶ ପୋତିବା ଲାଗି ନିର୍ଦ୍ଦିଷ୍ଟ ନିୟମ ରହିଛି । ଏଥିପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି । ମାତ୍ର ଏଠାରେ ଠିକା ସଂସ୍ଥା କୌଣସି ନୀତି ନିୟମର ଅନୁପାଳନ କରିଥିବା ଦେଖାଯାଇନାହିଁ । ନିର୍ମାଣାଧୀନ ୨୦ କିଲୋମିଟର ରାସ୍ତାର ଅଧିକାଂଶ ସ୍ଥାନରେ ଦେଢ଼ ମିଟରରୁ ଦୁଇ ମିଟର ପର୍ଯ୍ୟନ୍ତ ମାଟି ଖୋଳାଯାଇ ସେଥିରେ ପାଉଁଶ ପୋତାଯାଇଛି ବୋଲି ପତ୍ରରେ ଦର୍ଶାଯାଇଛି । ଯାହାକି ବ୍ୟବସ୍ଥାର ବିରୁଦ୍ଧାଚରଣ । ମାଟି କେତେ ଗଭୀର ପର୍ଯ୍ୟନ୍ତ ଖୋଳାଯିବ ଏବଂ କେତେ ପାଉଁଶ ପୋତିବା ପରେ ମାଟିର ସ୍ତରରେ ତାହା ଢଙ୍କାଯିବ ତାହା ମଧ ଅନୁପାଳନ ହୋଇନାହିଁ । ପାଉଁଶ ପୋତା ହେଉ ଅବା ମାଟି ଖୋଳା କାର୍ଯ୍ୟ ସମୟରେ ବିଭାଗକୁ ସୂଚିତ କରା ଯାଇନାହିଁ । ବିଭାଗୀୟ ଯନ୍ତ୍ରୀମାନେ ନିର୍ମାଣ ସ୍ଥଳ ପରିଦର୍ଶନ କରିବା ସହ ସେମାନଙ୍କ ପରାମର୍ଶରେ ମାଟି ଖୋଳା ଓ ପାଉଁଶ ପୋତା ହେବାର ଥିଲେ ହେଁ ତାହା କରାଯାଇନାହିଁ । ଯାହାକୁ ନେଇ ଜାତୀୟ ରାଜପଥ ବିଭାଗ ଆପତ୍ତି ଉଠାଇଛି । ହେଲେ ଏଠାରେ ନିର୍ମାଣାଧୀନ ରାଜପଥର ସ୍ଥାୟିତ୍ୱ ଏବଂ କାର୍ଯ୍ୟର ଗୁଣବତ୍ତା ନୁହେଁ ବରଂ କେତେ ଅଧିକରୁ ଅଧିକ ପାଉଁଶ ପୋତା ଯାଇ ପାରିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି ଠିକାଦାର ପୋଷା କାର୍ଯ୍ୟ ଏବେ ଜାତୀୟ ରାଜପଥ ବିଭାଗ ପାଇଁ ଅଡୁଆ ସୃଷ୍ଟି କରିଛି । ବିଭିନ୍ନ ମହଲରେ ଏନେଇ ପ୍ରଶ୍ନ ଉଠାଯିବା ସହ ରାଜପଥ ବିଭାଗକୁ ରାଜନୈତିକ ଦଳ ଠାରୁ ଆରମ୍ଭ କରି ଜନ ସାଧାରଣ ଘେରିବାକୁ ଲାଗିଛନ୍ତି । ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ପାଉଁଶ ବେପାର କରିବାର ସୁଯୋଗ ଦେଇ ଜାତୀୟ ରାଜପଥ ନିଜ ପାଇଁ ଏବେ ବିପଦକୁ ବରଣ କରିଛି ବୋଲି ତଳୁ ଉପର ଯାଏ ଚର୍ଚ୍ଚା ହେଉଛି । ଇତି ମଧ୍ୟରେ ପ୍ରବଳ ବର୍ଷାରେ ନିର୍ମାଣାଧିନ ରାଜପଥ-୪୯ରେ ବାଇପାସ ରାସ୍ତାରୁ ପାଉଁଶ ସବୁ ବନ୍ୟା ଜଳରେ ବହିଯାଇ ଆଖପାଖରେ ଥିବା ବିସ୍ତୃତ ଚାଷ ଜମିକୁ ନଷ୍ଟ କରିଛି । ଚଳିତ ଖରିଫରେ ସେସବୁ ଜମିରେ ଚାଷ ଆଉ ସମ୍ଭବ ହେବ ନାହିଁ । ଯେଉଁଥିପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ଉଚିତ ହାରରେ କ୍ଷତିପୂରଣ ପ୍ରଦାନ, ଚାଷ ଜମିରୁ ପାଉଁଶ କାଢି ନେବା ଏବଂ ପାଉଁଶ ଯୋଗୁଁ ହୋଇଥିବା ପରିବେଶଗତ କ୍ଷତିର ଭରଣା କରିବାକୁ ଦାବି କରାଯାଇଛି । ମାତ୍ର ସରକାରୀ ହାରରେ କ୍ଷତିପୂରଣ ଘୋଷଣା ହୋଇଥିବାରୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । ସେହି କ୍ଷତିପୂରଣ ଗ୍ରହଣ ଲାଗି ଚାଷୀମାନେ ପ୍ରସ୍ତୁତ ନ ଥିବା ବେଳେ ଆଇନଗତ ଲଢେଇ ଲଢିବାକୁ ପ୍ରସ୍ତୁତ ହେଉଥିବାର ସୂଚନା ରହିଛି ।

ସେହିପରି ଜାତୀୟ ରାଜପଥ-୪୯ରେ ଝାରସୁଗୁଡ଼ା ବାଇପାସ ଏବଂ ଆରଓବି ନିର୍ମାଣକୁ ନେଇ ଗୁରୁତର ଅନିୟମିତତା ଦେଖିବାକୁ ମିଳିଛି । ପ୍ରାୟ ୨୦ କିଲୋମିଟର ଦୈର୍ଘ୍ୟର ଏହି ରାସ୍ତାରେ ବେଆଇନ ଭାବେ ଜଙ୍ଗଲ କିସମ ଜମିର ବ୍ୟବହାର ଏବେ ସଂପୃକ୍ତ ଠିକା ସଂସ୍ଥା ପାଇଁ ଅଡୁଆ ସୃଷ୍ଟି କରିଛି । ଜଙ୍ଗଲ ଜମିର କିସମ ପରିବର୍ତ୍ତନ ବିନା ବ୍ୟବହାର ବେଆଇନ ହୋଇଥିବା ସତ୍ତ୍ୱେ ସଂପୃକ୍ତ ଠିକା ସଂସ୍ଥା ବେପରୁଆ ମନୋଭାବ ପୋଷଣ କରି ଏହି ନିର୍ମାଣ କାର୍ଯ୍ୟ କରିଛି । ଯାହାକୁ ନେଇ ଝାରସୁଗୁଡ଼ା ଏନଏଚ୍ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପତ୍ର ଲେଖି ସଂପୃକ୍ତ ଠିକା ସଂସ୍ଥାକୁ ତାଗିଦ କରି ସାରିଛନ୍ତି । ଜଙ୍ଗଲ ଜମି ହସ୍ତାନ୍ତର କରାଯାଇ ନ ଥିବାରୁ ସେହି ଜମିରେ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ କରିବା ବେଆଇନ ବୋଲି ଦର୍ଶାଇବା ସହ ସଂପୃକ୍ତ ଠିକା ସଂସ୍ଥା ସହ ହୋଇଥିବା ଠିକା ଚୁକ୍ତି ରଦ୍ଦ ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ସାରିଛନ୍ତି ।

ଝାରସୁଗୁଡ଼ାରେ ମେହେର ସମାଜ ପକ୍ଷରୁ ଗଙ୍ଗାଧର ଜୟନ୍ତୀ

ଝାରସୁଗୁଡ଼ା : ମେହେର ସମାଜ ପକ୍ଷରୁ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଓ ଲୋକ କବି ରତ୍ନ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ବସନ୍ତ କୁମାର ନାଥ ଏବଂ କବି ନିକୁଞ୍ଜ ବିହାରୀ ମିଶ୍ରଙ୍କୁ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ଜ୍ୟୋତିଷ ଅଜିତ ମୋହନ ମେହେରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ରକ୍ତ ଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସାମାଜିକ କର୍ମୀ ରାଜେଶ ପାଢୀଙ୍କୁ ସମ୍ମାନିତ କରାଯାଇଥିଲା । ମେହେର ସମାଜ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କାର୍ଯ୍ୟକାରୀ ସଭାପତି ଶତ୍ରୁଘ୍ନ ମେହେର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପ୍ରାକ୍ତନ ସଭାପତି ନୃପଲାଲ ମେହେର, ଜିଲ୍ଲା ସଭାପତି ସୁରେଶ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ପବିତ୍ର ମେହେର ଗଙ୍ଗାଧରଙ୍କ ସାହିତ୍ୟ କୃତି ଉପରେ ଆଲୋଚନା, ଟାଉନ ୟୁନିଟ ସଭାପତି ପ୍ରମୋଦ ମେହେର ଧନ୍ୟବାଦ ଅର୍ପଣ ଓ ସଂଯୁକ୍ତା ମେହେର ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଥିବା କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଅତିଥିଗଣ ମାଲ୍ୟାର୍ପଣ କରିଥିଲେ । ଭାସ୍କର, ସଂଯୁକ୍ତା, ମୀନତି, ହେମଲତା, ରକ୍ମଣୀ, ପାର୍ବତୀ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବରିଷ୍ଠ ଅଧିକାରୀଙ୍କ କଳାଧନ ଖୋଜିବ ଇଡି

ଭୁବନେଶ୍ୱର : ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବତନ ମୁଖ୍ୟଯନ୍ତ୍ରୀ ଆର.ଏନ୍ ପୃଷ୍ଟିଙ୍କ ସମ୍ପତ୍ତି ଉତ୍ସକୁ ଭିଜିଲାନ୍ସ ପରେ ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଖୋଳତାଡ଼ କରିବ । ଇଡି ତାଙ୍କ ବିରୋଧରେ ମାମଲା ରୁଜୁ କରିଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କୁ ନୋଟିସ୍ କରାଯିବ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଯେ. ଶ୍ରୀ ପୃଷ୍ଟି ଗତ ମାସରେ ଅବସର ନେଇଛନ୍ତି । ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଗତ କିଛି ମାସ ତଳେ ଭିଜିଲାନ୍ସ ହାବୁଡରେ ପଡିଥିଲେ । ୧୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ ହୋଇଥିଲା । ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୩ଟି ଫ୍ଲାଟ୍ ସହ କୋଟି କୋଟି ଟଙ୍କାର ବେନାମୀ ସମ୍ପତ୍ତି ମିଳିଥିଲା । ଏବେ ତାଙ୍କ କଳାଧନ ଖୋଜିବ ଇଡି । ଅନୁରୂପ ଭାବେ ସେହି ବିଭାଗରେ ଆଉ ଜଣେ ବରିଷ୍ଠ ଅଧିକାରୀ ବି. ନାୟକ ଭିଜିଲାନ୍ସ ପଞ୍ଝାରେ ପଡ଼ିବା ସହ ତାଙ୍କ ପାଖରୁ ୫ କୋଟିରୁ ଅଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ ହୋଇଥିଲା । ଇଡି ନିଜ ଆଡୁ ମାମଲା ରୁଜୁ କରିଥିଲା । ତଦନ୍ତ ସରିବା ପରେ ଗତ ମେ' ମାସରେ ଶ୍ରୀ ନାୟକଙ୍କ ୨କୋଟି ୫୪ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ଆଟାଚ୍ କରିବା ସହ ବାଜ୍ୟାପ୍ତି ପାଇଁ କୋର୍ଟକୁ ଇଡି ଜଣାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।

ଜୀବନର ଲୟ ସାଧିବା ଦ୍ୱାରା ଧାନ ଲାଗିଥାଏ

ଆମ ଜୀବନରେ ଧାନର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରକୃତି ସହିତ ଓ ଆମର ଆଖପାଖର ପରିବେଶ ସହିତ ଏକ ଲୟ ସ୍ଥାପନ କରିବା, ତା ସହିତ ଏକ ତାଳ ସ୍ଥାପନ କରିବା । ପ୍ରକୃତିରେ ଆମ ଆଖପାଖରେ ଯାହା କିଛି ବି ଅଛି ଯେପରି ଜଳବାୟୁ, ଔଷଧି, ବନସ୍ପତି, ପୃଥିବୀ, ଆକାଶ ଆଦି ରହିଛି, ସେଗୁଡିକ ସହିତ ଏକ ସନ୍ତୁଳନ, ଏକ ସଙ୍ଗୀତ, ଏକ ସମରସତା, ଏକ ସମସ୍ୱରତା ସ୍ଥାପନ କରିବା ଧାନର ଏକ ଲକ୍ଷ୍ୟ । ଯଦି ଆମେ ଧାନରେ ଦେଖିବା ତ ଆମ ନିଜ ଜୀବନରେ ଏକ ଲୟ ଅଛି ଏବଂ ସେହି ଲୟ ନ ରହିଲେ ଜୀବନରେ ସୌନ୍ଦର୍ଯ୍ୟ ପରିସ୍ଫୁଟ ହୁଏ ନାହିଁ, ଜୀବନରେ ଏକ ପ୍ରକାର ଖୁସିର ଆଗମନ ହୁଏ ନାହିଁ, ଯଦ୍ଦ୍ୱାରା ଜୀବନ ଅପୂର୍ଣ୍ଣ ମନେହୁଏ । ଏହି ଲୟକୁ ଜୀବନର ସ୍ୱଭାବ ବି କହି ପାରନ୍ତି । ଏହାକୁ ଆମେ ନିଜ ଜୀବନର ପ୍ରକୃତି ବି କହି ପାରିବା । ଜୀବନଯାପନର ଏକ ପ୍ରକୃତି ଅଛି, ଏକ ଶୈଳୀ ଅଛି । ଯଦି ଜୀବନର ସେହି ଶୈଳୀ, ସେହି ପ୍ରକୃତି ବା ଜୀବନଯାପନର ସେହି ଶୈଳୀ ବିଗିଡି ଯାଏ ତ ଜୀବନରେ ବିକୃତି ଆସିଯାଏ । ଜୀବନଶୈଳୀ ବିଗିଡି ଗଲେ ଶୋକର ଆଗମନ ହୁଏ । ଯେପରି ସଙ୍ଗୀତରେ ଧ୍ୱନିରେ ଯେତେବେଳେ ଲୟର ସ୍ଥାପନ ହୋଇଥାଏ ତ ସେଥିରୁ ସ୍ୱର ବାହାରିବାକୁ ସଙ୍ଗୀତ ସୁମଧୁର ହୋଇଥାଏ ଏବଂ ସେତେବେଳେ ସେଥିରେ ଏକ ସୁନ୍ଦରତା ଆସିଥାଏ ।

ଯଦି ସ୍ୱରଲିପି ଥାଏ ଓ ସେଥିରେ ଏକ ତାରତମ୍ୟ ରହେ, ପରସ୍ପର ମଧ୍ୟରେ ଏକ ସମରସତା ରହେ । ତ ଯେଉଁ ସଙ୍ଗୀତ ବାହାରି ଥାଏ, ତାହା ଶୁଣିବା ଯୋଗ୍ୟ ହୋଇଥାଏ ଏବଂ ତାହା ବଡ଼ ଆନନ୍ଦଦାୟକ ହୋଇଥାଏ । ଯଦି ସେହି ଲୟ ବିଗିଡି ଯାଏ ତେବେ ତାହା କୋଳାହଳ ପ୍ରତୀତ ହୋଇଥାଏ । ଯଦି ହାରମୋନିୟମର କେହି ଏଣୁ ତେଣୁ କିଛି ବଜାଏ, ଢୋଲକୁ ମନଇଚ୍ଛା ପିଟେ ଏବଂ ସେଥିରେ କୌଣସି ଲୟ ନ ରହେ, କୌଣସି ଲିପି ନ ରହେ ତେବେ ତାହା ବିଚିତ୍ର ପ୍ରକାର ସ୍ୱର ହୋଇଯାଏ । ତାହାକୁ ଶୁଣିବା ବିଚିତ୍ର ଲାଗିଥାଏ । ଧ୍ୱନୀ ବିକୃତିକୁ କୋଳାହଳ କୁହାଯାଏ । ତାହା ଧ୍ୱନୀ ପ୍ରଦୂଷଣ ବି ଅଟେ, କିନ୍ତୁ ସେହି ଧ୍ୱନୀ ଯଦି ଲୟବଦ୍ଧ ହୋଇଯାଏ ତ ସଙ୍ଗୀତରେ ପରିଣତ ହୋଇଯାଏ । ଶବ୍ଦଗୁଡିକରେ ଯଦି ଲୟ ସ୍ଥାପିତ ହୋଇଯାଏ ତେବେ ତାହା କାବ୍ୟ ବା ସଙ୍ଗୀତ ହୋଇଯାଏ ଏବଂ ଯଦି ସେଥିରେ ଲୟ ବିଗିଡି ଯାଏ ତେବେ ତାହା କିଛି ବିଚିତ୍ର ପ୍ରକାର ଅନର୍ଗଳ ପ୍ରଳାପ ହୋଇଯାଏ ।

ଆମ ଜୀବନରେ ବି ଠିକ୍ ଏହିପରି ହୋଇଥାଏ । ଯେପରି ସ୍ୱରଗୁଡିକ ତାଳବଦ୍ଧ ହୋଇଗଲେ ତାହା ସଙ୍ଗୀତ ହୋଇଥାଏ ଏବଂ ସେହି ସ୍ୱରଗୁଡିକ ବେତାଳ ହୋଇଗଲେ କୋଳାହଳ ହୋଇଯାଏ, ଠିକ୍ ସେହିପରି ମନୁଷ୍ୟ ଜୀବନରେ ମଧ ଭିନ୍ନ ଭିନ୍ନ ତାଳ ରହିଛି, ଭିନ୍ନ ଭିନ୍ନ ସ୍ତର ରହିଛି । ଆମର ବି ଭିନ୍ନ ଭିନ୍ନ ପ୍ରକାର ପ୍ରକୃତି ଅଛି । ଯେପରି ଗୋଟିଏ ହେଉଛି ଆମର ଜୈବିକ ପ୍ରକୃତି, ଆମର ବାୟୋଲୋଜିକାଲ ନେଚର । ଏଥିରେ ଆମ ଜୀବନର ବିଭିନ୍ନ କ୍ରିୟା ଚାଲିଥାଏ, ଆମର ଫିଜିଓଲୋଜି, ଜୈବିକ ପ୍ରକୃତିର ଲୟ କାରଣରୁ ଚାଲିଥାଏ ।

ଯେପରି ଆମର ନାଡି ଚାଲିଛି ତ ନାଡି ନିଜସ୍ୱ ଗତି ରହିଛି । ନାଡି ତୀବ୍ର ହୋଇଗଲେ ସମସ୍ୟା ଓ ନାଡି ଧିମା ହୋଇଗଲେ ବି ସମସ୍ୟା ଉପୁଜିଥାଏ । ତାହାର ନିଜସ୍ୱ ଏକ ଗତି ରହିଛି, ଏକ ଲୟ ରହିଛି, ଏକ ତାଳ ରହିଛି । ମେଟାବଲିଜମର ନିଜସ୍ୱ ଏକ ତାଳ ଅଛି, ଏକ ଲୟ ଅଛି, ତାହା ନିଜର ଏକ ଗତିରେ ଚାଲିଛି । ମେଟାବଲିଜିମ ଅଧିକ ହୋଇଗଲେ ଅସୁବିଧା, କମ୍ ହୋଇଗଲେ ବି ଅସୁବିଧା ହୋଇଥାଏ । ଶରୀରର ଉତ୍ତାପର ମଧ ଏକ ନିଜସ୍ୱ ଲୟ ଅଛି, ଏକ ତାଳ ଅଛି । ଏହା ଅଧିକ ହୋଇଗଲେ ଜ୍ୱର ଆସିଯାଏ, କମ୍ ହୋଇଗଲେ ହାଇପୋଥର୍ମିଆ ହୋଇଯାଏ । ରକ୍ତଚାପର ବି ଏକ ନିଜସ୍ୱ ଲୟ ଅଛି, ତାହା ବଢ଼ିଗଲେ ଉଚ୍ଚ ରକ୍ତଚାପ ଓ କମିଗଲେ ନିମ୍ନ ରକ୍ତଚାପ ହୋଇଯିବ ।

ଏସବୁ ମଧ୍ୟରେ ନିଜସ୍ୱ ଏକ ଲୟ, ଏକ ତାଳ ଅଛି । ଏହି ଲୟ ସ୍ଥିର ରହିଲେ ବ୍ୟକ୍ତି ସୁସ୍ଥ ରହିଥାଏ ଏବଂ ଏହି ଲୟ ବିଗିଡ଼ି ଗଲେ, ତାଳ ବିଗିଡିଗଲେ ଆମ ଜୀବନର ତାଳ, ଲୟବି ବିଗିଡିଯାଏ ଏବଂ ଆମେ ଏହି କାରଣରୁ ରୋଗରେ ପଡିଯାଉ ।

ଜୀବନକୁ ଯଦି ଆମେ ଗଭୀର ଭାବରେ ଦେଖିବା ତ ଏହାର ଏକ ସ୍ଥୁଳତଳ ଅଛି ଓ ତା ପଛରେ ଏକ ସୂକ୍ଷ୍ମତଳ ଅଛି । ସୂକ୍ଷ୍ମତଳ, ସ୍ଥୁଳ ପରି ଦେଖାଯାଏ ନାହିଁ କିନ୍ତୁ ତା ପଛରେ ଆହୁରି ଏକ ତଳ ଅଛି ଯାହା ପ୍ରାଣର ତଳ ଅଟେ, ଯେଉଁଠି ପ୍ରାଣଗୁଡିକର ନିଜର ଲୟ ଅଛି, ସଙ୍ଗୀତ ଅଛି, ଏକ ଲୟବଦ୍ଧତା ଅଛି । ଏସବୁ ପରସ୍ପର ଗୁନ୍ଥି ହୋଇ ରହିଛି । ଆମ ସ୍ଥୁଳ ଶରୀରର ଲୟ, ଶରୀରର ସମସ୍ୱରତା ଭିତରର ସୂକ୍ଷ୍ମତଳ ସହିତ ଯୋଡି ହୋଇଛି, ମନ ସହିତ ଯୋଡି ହୋଇଛି ଓ ମନର ତଳର ସଙ୍ଗୀତ ପ୍ରାଣ ସହିତ ଯୋଡି ହୋଇଛି ଏବଂ ପ୍ରାଣର ଯେଉଁ ସ୍ୱର ଅଛି, ତାହା ସହିତ ଜୀବନର ସ୍ୱର ବି ଗୁନ୍ଥା ହୋଇଛି ।

ଆକ୍ୟୁପ୍ରେସର ଅନୁସାରେ ଆମ ଶରୀରରେ ୧୦୮ ଟି ପ୍ରାଣ କେନ୍ଦ୍ର ଅଛି । ଏହି କେନ୍ଦ୍ରଗୁଡିକ ମାଧମରେ ଗୋଟିଏରୁ ଆଉ ଗୋଟିଏକୁ ପ୍ରାଣ ପ୍ରବାହିତ ହୋଇଥାଏ । ଯଦି ଏହି ପ୍ରାଣ ପ୍ରବାହ ମନ୍ଦ ପଡିଯାଏ, ଯଦି ଏହା ମଧ୍ୟରେ ଗତିରୋଧ ଆସିଯାଏ ତ ସମସ୍ୟା ଉପୁଜି ଥାଏ । ଯେପରି ପ୍ରବାହିତ ନାଳରେ କେଉଁଠି ଅବରୋଧ ଥିଲେ ତା ଭିତରେ କେତେ ପ୍ରକାର ସମସ୍ୟା ଉତ୍ପନ୍ନ ହୋଇଥାଏ । ଏହି ପ୍ରକାର ପ୍ରାଣ ପ୍ରବାହ ବି ନିଜର କାର୍ଯ୍ୟ କରିଥାଏ । ଆକ୍ୟୁପ୍ରେସରରେ ବି କୁହାଯାଏ ଯେ ଗୋଟିଏ ପ୍ରାଣ କେନ୍ଦ୍ର ଭିତରେ ଯଦି ପ୍ରାଣ ପ୍ରବାହ ମନ୍ଦ ହୋଇଯାଏ, ଅବରୁଦ୍ଧ ହୋଇଯାଏ ତ ଅନ୍ୟ ସବୁକୁ ତାହା ପ୍ରଭାବିତ କରିଥାଏ । ସେଥିପାଇଁ ଯେଉଁମାନେ ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର କରାନ୍ତି, ସେମାନେ ପ୍ରଥମେ ପ୍ରାଣ ପ୍ରବାହକୁ ଚିହ୍ନିତ କରନ୍ତି । ସେଠାରେ କିଛି ଚାପ ଦିଅନ୍ତି, କିଛି କ୍ରିୟା କରନ୍ତି, ଯଦ୍ଦ୍ୱାରା ସେଠାରେ ଥିବା ପ୍ରାଣ ପରିପଥର ପ୍ରଭାବ ପୁଣି ସୁଚାରୁ ରୂପେ ଚାଲୁ ହୋଇଯିବ ।

ଏହି ପ୍ରାଣରେ ଆଉ ଏକ ସୂକ୍ଷ୍ମତତ୍ତ୍ୱ ଗୋଳି ହୋଇ ରହିଛି ଏବଂ ତାହା ହେଉଛି ଆମର ମନ, ଆମର ବିଚାର, ଆମର କଳ୍ପନା ଓ ଆମର ଭାବନା । ଯଦି ସେଥିରେ କୌଣସି ବିକ୍ଷୋଭ ହୋଇଯାଏ, କୌଣସି ସମସ୍ୟା ଆସିଯାଏ, ତାହେଲେ ପୁରା ଶରୀରରେ, ବ୍ୟକ୍ତିତ୍ୱରେ ସମସ୍ୟା ଆରମ୍ଭ ହୋଇଯାଏ । ଏହିପରି ଭାବରେ ଶରୀର ସହିତ ମନ ଓ ମନ ସହିତ ପ୍ରାଣ ଯୋଡି ହୋଇଛି । ଯଦି ଆମେ ଗୋଟିଏକୁ ପ୍ରଭାବିତ କରିବା ତ ଅନ୍ୟଟି ସହଜରେ ପ୍ରଭାବିତ ହୋଇଯାଏ । ଏହିପରି ଶରୀର, ମନ, ପ୍ରାଣ ଏ ତିନିଟି ତଳ ନିଜର ଏକ ଲୟବଦ୍ଧତାରେ ଚାଲିଛି । ଯଦି ଏହି ଲୟବଦ୍ଧତାରେ କୌଣସି ଅସନ୍ତୁଳନ ହୁଏ ତେବେ ଏହା ମଧ୍ୟରେ ବ୍ୟତିକ୍ରମ ଆରମ୍ଭ ହୋଇଯାଏ ଏବଂ ଏହି ବ୍ୟତିକ୍ରମ ଯୋଗୁଁ ଭିନ୍ନ ଭିନ୍ନ ତଳରେ ଭିନ୍ନ ଭିନ୍ନ ଦୁର୍ଘଟଣା ଘଟିଥାଏ ।

ଏହି ବିକାରକୁ ଅର୍ଥାତ୍ ଲୟବଦ୍ଧତାରେ ଯେଉଁ ବ୍ୟତିକ୍ରମ ହୋଇଥାଏ ତାହାକୁ ପୁନର୍ଷ୍ଟ ସ୍ଥାପନ କରିବା ଧାନର ଉଦ୍ଦେଶ୍ୟ । ଧାନ ଦ୍ୱାରା ଆମେ ଅସନ୍ତୁଳନକୁ ସନ୍ତୁଳିତ କରିଥାଉ, ଏହାକୁ ପୁନର୍ଷ୍ଟ ଏକ ଲୟ ପ୍ରଦାନ କରିଥାଉ । ଏହା ଧାନର ଉଦ୍ଦେଶ୍ୟ ଅଟେ ।

ଯୌନ ନିର୍ଯ୍ୟାତନା ଏକ ମାନସିକ ବିକୃତି

ଡକ୍ଟର ପ୍ରମୋଦ କୁମାର ପଣ୍ଡା

କିଛିଦିନ ତଳେ ମୋତେ ଏକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂକୁଳ ସ୍ତରୀୟ ସଂସ୍କୃତି ସମାରୋହରେ ଯୋଗଦେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଦେବପୂଜନାଦି ଉପରାନ୍ତେ 'ୟା ଦେବୀ ସର୍ବ ଭୂତେଷୁ ଶକ୍ତି ରୁପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ.... ।

ଶ୍ଳୋକ ସମବେତ କଣ୍ଠରେ ପାଠ କରାଯାଇଥିଲା । ଠିକ୍ ସେହି ସମୟରେ କଲିକତାରେ ସଂଘଟିତ ଜନୈକା ଡାକ୍ତରୀ ଛାତ୍ରୀଙ୍କ ବର୍ବର ବଳାତ୍କାର ଓ ବିଭତ୍ସ ହତ୍ୟା ପ୍ରସଙ୍ଗଟି ମୋ ମନରେ ସୃଷ୍ଟି କରିଥିଲା ଅଲୋଡ଼ା ଆଲୋଡନ ଓ ଆନ୍ଦୋଳନ । ନିଜକୁ ନିଜେ ପଚାରିଥିଲି ସଭ୍ୟତାର ଉହାଡ଼ରେ ଲୁଚିରହିଥିବା ଅସଭ୍ୟ ପୁରୁଷ ପାଇଁ ଏ ଶ୍ଳୋକଟି କେତେ ଗୁରୁତ୍ୱ ବହନ କରେ ? ସତରେ କଣ ନାରୀ ମାତୃ ରୂପିଣୀ ? ଶକ୍ତି ରୂପିଣୀ ? ବୁଦ୍ଧି ରୂପିଣୀ ବିଦ୍ୟା ରୂପିଣୀ ? ନାରୀ ଦୁର୍ବଳା ନୁହେଁ, ସବଳା ? ନାରୀ ବସ୍ତୁ ନୁହେଁ, ବାସ୍ତବ ? ନାରୀ ପଣ୍ୟ ନୁହେଁ ଗଣ୍ୟ ? ନାରୀ କାୟା ନୁହେଁ, ଜାୟା, ଜନନୀ, ଭଗିନୀ, ସବୁକିଛି ? କିନ୍ତୁ ସନ୍ତୋଷଜନକ ଉତ୍ତର ଅଭାବରୁ ସଭାରେ ମନ ଲାଗି ନ ଥିଲା ।

ଭାରତୀୟ ସମ୍ବିଧାନ ଲିଙ୍ଗ ବୈଷମ୍ୟକୁ ବିରୋଧ କରେ । ପ୍ରତ୍ୟେକ କ୍ଷେତ୍ରରେ ନାରୀ ସ୍ୱାଧୀନତା ଓ ସମାନତା ପାଇଁ ଅନେକ କାନୁନ ପ୍ରଣୀତ ହୁଏ । କିନ୍ତୁ କାହିଁ ? ସବୁ ନିୟମ କାନୁନକୁ ଫୁ କରି ପୌରୁଷ ବଳରେ ବଳୀୟାନ ପୁରୁଷ ନାରକୀୟ, ବିଭତ୍ସ, ହୃଦୟବିଦାରକ, ଘୃଣ୍ୟ, ଉନ୍ମତ୍ତ କାଣ୍ଡ ଘଟାଏ । ନିଜକୁ ନାରୀଠୁ ଉଚ୍ଚକୋଟୀର ବୋଲି ପ୍ରମାଣିତ କରିବାର ଅପଚେଷ୍ଟା କରେ । ଏସବୁ ମାନସିକ ବିକୃତି । ମାନବୀୟ ମୂଲ୍ୟବୋଧର ଅବକ୍ଷୟ । ପ୍ରଗଲ୍ଭ ପ୍ରବୃତ୍ତି । ମିଥ୍ୟା ପୌରୁଷ । ଶହେ ଥର ମନ୍ଦିର ଗଲେ, ଲକ୍ଷେ ଦୀପ ଲଗାଇଲେ, କୋଟିଏ ଲୋକଙ୍କୁ ଖାଇବାକୁ ଦେଲେ ଲାଭ କଣ , ଆମେ ଯଦି ଏପର୍ଯ୍ୟନ୍ତ ବୁଝିପାରି ନାହୁଁ ଯେ ପୁଅ ଯଦି ଗୀତ, ଝିଅ ସଂଗୀତ, ପୁଅ ଯଦି ସଭ୍ୟତା ଝିଅ ସଂସ୍କୃତି, ପୁଅ ଯଦି ମନ୍ଦିର ଝିଅ ଧ୍ୱଜା । ଉଭୟେ ଉଭୟଙ୍କ ପରିପୂରକ । ଜଣକର ସ୍ଥିତିରେ ଅନ୍ୟର ସ୍ଥିତି । ଜଣେ ଅନ୍ୟ ଜଣକର ଆସ୍ଥା । ସର୍ଜନ ଜଗତର ଶାଶ୍ୱତ ସାଧନ । ବିକାଶରେ ଉଭୟଙ୍କ ଭୂମିକା ସମଗୁରୁତ୍ୱ ବହନ କରେ ବୋଲି ।

ନାରୀ ନିର୍ଯାତନା ଏବଂ ଅପମାନ କିଛି ନୂଆ କଥା ନୁହଁ । ଆଗେ ଥିଲା । ଏବେ ବି ଅଛି । ପୁରାଣ ପୃଷ୍ଠା ଓଲଟାଇଲେ ଦ୍ରୁପଦ ନନ୍ଦିନୀ ଦ୍ରୌପଦୀ ଓ ମିଥିଳା କୁମାରୀ ମୈଥିଳୀଙ୍କ ଦୁର୍ଦ୍ଦଶା ଶିହରଣ ସୃଷ୍ଟି କରେ । ଇଶ୍ୱରଙ୍କ କୃପାରୁ ତାଙ୍କର ସତୀତ୍ୱ ଅକ୍ଷୁର୍ଣ୍ଣ ରହିଛି । ପରାଭବ ଭୋଗିଛନ୍ତି । ପରନ୍ତୁ ପରଲୋକ ପ୍ରାପ୍ତି ହୋଇ ନାହାନ୍ତି । ଏଠି ନା ରାମଚନ୍ଦ୍ର ଅଛନ୍ତି ନା ଶ୍ରୀକୃଷ୍ଣ । ରାବଣ ଓ ଦୁର୍ଯ୍ୟୋଧନଙ୍କ କବଳରୁ ଏମାନଙ୍କୁ ବଞ୍ଚେଇବ କିଏ ? କିଏ କରିବ ଏମାନଙ୍କ ସହାୟତା ? କନ୍ୟା ରତ୍ନର ଯତ୍ନ ନେବ କିଏ ?

ନିର୍ଭୟା ହତ୍ୟାକାଣ୍ଡରୁ ଆରମ୍ଭ କରି ପୁଣେରେ ବସ ଭିତରେ ନାରୀର ଚିରହରଣର ପାଶାବିକ କାଣ୍ଡ ସାରା ଦେଶକୁ ଲଜ୍ଜିତ କରୁଛି । ପରୀ, ପୀହୁ, ମମିତା, ଇତିଶ୍ରୀ, ବେବିନା, ସସ୍ମିତା, ରୂଚିକା, ସ୍ମିତାରାଣୀ, ମାଧବୀଲତାଙ୍କ ହତ୍ୟାକାଣ୍ଡ ଓଡିଶାର ମୁଣ୍ଡ ତଳ କରିଛି । ଏଯାବତ ଅନେକ ରହସ୍ୟ ରହସ୍ୟରେ ରହିଛି, ପର୍ଦ୍ଦାଫାସ ହୋଇ ପାରୁନି । ବିଗତ ଦିନର ଦୁଖଦ ଘଟଣା ବିସ୍ମରଣ ପୂର୍ବରୁ ନିତି ନୂଆ ନୂଆ ନାରକୀୟ କାଣ୍ଡ ଘଟୁଛି । ଗୋପାଳପୁର ବେଳାଭୂମିରେ ଜନୈକା କଲେଜ ପଢୁଆ ନିରୀହା ଯୁବତୀଙ୍କ ଗଣବଳାତ୍କାର । ଆଉ ଏବେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପବିତ୍ର ଭୂଇଁରେ ଯୌନ ନିର୍ଯ୍ୟାତନା । ନ୍ୟାୟରୁ ବଞ୍ଚିତା ପୀଡିତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଛାତିଥରା ଆତ୍ମାହୁତି । ତୀବ୍ର ବର୍ଦ୍ଧମାନ ଯୌନ ନିର୍ଯ୍ୟାତନା ଯୋଗୁଁ କାନୁନ ଉପରୁ ଲୋକଙ୍କ ଆସ୍ଥା ଉଠିବାକୁ ବସିଲାଣି । ତ୍ୱରିତ ନ୍ୟାୟ ପ୍ରଦାନ ଓ କଠୋରରୁ କଠୋର ଶାସ୍ତିବିଧାନ ସମସ୍ୟା ସମାଧାନ ଦିଗରେ ସହାୟକ ହୁଅନ୍ତା ଯଦିଓ ମୁଳୋତ୍ପାଟନ ଅସମ୍ଭବ ଭଳି ପ୍ରତୀତ ହୁଏ ।

ଆଜିକାଲି ନାରୀ ସବୁ ସ୍ଥାନରେ ନିଜକୁ ଅସୁରକ୍ଷିତ ମଣୁଛି । ଘରେ, ବାହାରେ । ବଜାରରେ, ବସ ଷ୍ଟାଣ୍ଡରେ । ଯାତ୍ରାବେଳେ, ହୋଟେଲରେ । ବାଟେଘାଟେ । ସ୍କୁଲରେ, କଲେଜରେ, ଟ୍ୟୁସନରେ, କୋଚିଂ ସେଣ୍ଟରରେ । ଗାଁ ଦାଣ୍ଡରେ ଖେଳୁଥିବା ବେଳେ କିମ୍ବା ସନ୍ଧ୍ୟାରେ ଶୌଚ ପାଇଁ ବାହାରକୁ ଯାଇଥିବା ସମୟରେ । ସିଏ ପୁଣି ଦୁନିଆଁକୁ ଭଲଭାବେ ଜାଣିନଥିବା କେଇ ମାସର ନିଷ୍ପାପ ଶିଶୁ ହେଉ ଅଥବା ବୟସର ଅପରାହ୍ନରେ ପାଦ ଥାପି ସାରିଥିବା ସଂସାରର ଅଳ୍ପ ଦିନର ଅତିଥି ଅଶୀ ବର୍ଷୀୟା ସ୍ଥବିରା ।

ଏପରିକି ନିଜର କର୍ମକ୍ଷେତ୍ର ମଧ ତା ପାଇଁ ସୁରକ୍ଷିତ ନୁହେଁ । ବିଶେଷକରି ରାତ୍ରିକାଳୀନ ଡ୍ୟୁଟି କରୁଥିବା କର୍ମଜୀବୀ ମହିଳା ଏବଂ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବା ଝିଅପିଲା । ବିଦ୍ୟାଳୟ ହେଉ କିମ୍ବା ବିଶ୍ୱବିଦ୍ୟାଳୟ । ନାରୀ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥାଗତ ପରିମାର୍ଜନ । ସୁଦୃଢ଼ ଇଚ୍ଛାଶକ୍ତି । ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରତିବାଦର ସମବେତ ଶାଣିତ ସ୍ୱର । ସିଏ ସାଧାରଣ ମହିଳା ଯାତ୍ରୀ ହୁଅନ୍ତୁ ଅଥବା କଲେଜ ପଢୁଆ ଛାତ୍ରୀ । ମହିଳା ଡାକ୍ତର ହୁଅନ୍ତୁ ଅଥବା ଅନ୍ୟ କର୍ମଜୀବୀ ମହିଳା । ବାଲେଶ୍ୱର ହେଉ କିମ୍ବା ବଲାଙ୍ଗୀର । ଗୋପାଳପୁର ହେଉ କିମ୍ବା ସମ୍ବଲପୁର । କଲିକତା ହେଉ କିମ୍ବା କୋହିମା । କର୍ଣ୍ଣାଟକ ହେଉ କିମ୍ବା କେରଳ । ଗାଁ ହେଉ କିମ୍ବା ସହର । ପଲ୍ଲୀ ହେଉ କିମ୍ବା ଦିଲ୍ଲୀ । ଏପରି କୁତ୍ସିତ ଘଟଣା ଘଟିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନର ପ୍ରତିବଦଳରେ ତତ୍‌କ୍ଷଣାତ ସହଜ ଓ ସରଳ ଉତ୍ତରଟିଏ ଆସେ, ଏବେ ତଦନ୍ତ ଚାଲିଛି । ତାସହିତ ଘନଘନ ବିତର୍କ । ଘମାଘୋଟ ବାକଯୁଦ୍ଧ । ଦୋଷ ଲଦାଲଦି । ଆରୋପ ପ୍ରତ୍ୟାରୋପ । ଆତ୍ମରକ୍ଷା ଉଦ୍ୟମ । ସେପଟେ ପରିବାର ପରିଜନଙ୍କ ଆଖିର ଲୁହ ଶୁଖେନି । ନ୍ୟାୟ ଅପେକ୍ଷାରେ ଚାଲିଯାଏ ତାଙ୍କ ଜୀବନର ଅର୍ଦ୍ଧେକ ସମୟ । ଜୀବନ୍ମୃତ ଭଳି କାଳ କାଟିବାକୁ ବାଧ ।

ମୋଟାମୋଟି କଥା ହେଲା ଏବେ ସୁଦ୍ଧା ଆମ ମନରେ ଧାରଣା ଅଛି ଯେ ନାରୀ ପୁରୁଷ ପ୍ରଧାନ ସମାଜର ଏକ ନଗଣ୍ୟ ଅଂଶଟିଏ ମାତ୍ର । ତାର ସ୍ୱାଧୀନତା ନାହିଁ । ପୁରୁଷ ହାତର ସୌକିନ କଣ୍ଢେଇଟିଏ, ଯେମିତି କହିବା ଠିକ ସିମିତି କରିବ । ଯିମିତି ନଚେଇବା ଠିକ ସିମିତି ନାଚିବ । ଯୁଜ ଏଣ୍ଡ ଥ୍ରୋ ଚା କପ ଭଳି । ବ୍ୟବହାର କର ଓ ଫୋଫାଡ଼ି ଦିଅ । କଠୋର କାନୁନ ପ୍ରଣୟନ ଏବଂ ତାର ତ୍ୱରିତ କାର୍ଯ୍ୟକାରିତା ଏହାର ମାତ୍ରା କମ କରିବାରେ ସଫଳ ହୋଇପାରେ । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ପୁରୁଷର ଏଭଳି ଘୃଣ୍ୟ ଏବଂ ଅସଙ୍ଗତ ମନୋଭାବର ଆତ୍ମିକ ପରିବର୍ତ୍ତନ ନ ଘଟିଛି ସେତେଦିନ ପର୍ଯ୍ୟନ୍ତ ନାରୀ ନରପିଶାଚର ମାନସିକ ବ୍ୟାଧିର ସଂକ୍ରମଣରୁ ସୁରକ୍ଷିତ ନୁହେଁ । ପୁରୁଷ ନାରୀଠୁଁ ଜନ୍ମିତ । ନାରୀ ଦ୍ୱାରା ଲାଳିତପାଳିତ । ନାରୀ ଦ୍ୱାରା ମଣିଷ । ନାରୀକୁ ଭଲ ପାଏ । ନାରୀକୁ ବିବାହ କରେ । କିନ୍ତୁ ନାରୀକୁ ହତାଦର କରେ । ଦୁଷ୍କର୍ମ କରେ । ହତ୍ୟା କରେ । ନାରୀ ପ୍ରତି ପୁରୁଷର ଏତାଦୃଶ ମନୋଭାବ ଏକ ମାନସିକ ବ୍ୟାଧି ଅତିରିକ୍ତ ଅନ୍ୟ କିଛି ନୁହେଁ । ସମାଜକୁ ଏଥିପାଇଁ ଠୋସ ପଦକ୍ଷେପ ନେବାକୁ ହେବ । ଅନ୍ୟଥା ଚାରିତ୍ରିକ ଅବକ୍ଷୟ ହେତୁ ସର୍ବନାଶ ସୁନିଶ୍ଚିତ । ସ୍ଖଳନ ସଦ୍ବୁଦ୍ଧି ନୁହେଁ, ଦୁର୍ବୁଦ୍ଧିର କାରକ । ଆଦ୍ୟ ଶୈଶବାବସ୍ଥାରୁ ଉଭୟ ପୁଅ ଓ ଝିଅ ସବୁ କ୍ଷେତ୍ରରେ ସମାନ ବୋଲି ଶିକ୍ଷା ଦେବା ପରିବାରର ଦାୟିତ୍ୱ । ପରେ ବିଦ୍ୟାଳୟ ଏହାକୁ ଦୃଢ଼ୀଭୂତ କରିପାରିବ । ସଂସ୍କାର ଓ ସୁରକ୍ଷା ଏ ମହାବ୍ୟାଧିର ମହୌଷଧି । ମହାମାରୀର ପ୍ରତିଷେଧକ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

ଆଜିର ଚିନ୍ତନ

- ଶ୍ରେଷ୍ଠ ଜୀବ ବୋଲି ଡେଙ୍ଗୁରା ପିଟୁଛୁ ଆମେରେ ମଣିଷ ଜାତି, ମଣିଷ ପଣିଆ ହରେଇ ବସୁଛୁ ହୋଇଲେ ପୁଣି ଯେ ରାତି । ପୃଥିବୀର ସବୁଠାରୁ ବଡ଼ ମାୟା ଜାଲ ହେଉଛି ସଂସାର ....
- ହଜାରେ କଷ୍ଟ ପରେ ବି ଭାଙ୍ଗି ଦେଇ ହୁଏନାହିଁ, ଗୋଟିଏ ସଂସାରରେ କେତେ ଯେ ଜଞ୍ଜାଳ ଥାଏ ତାହା ହିସାବ ଉର୍ଦ୍ଧ୍ୱରେ । ଏ ଅନ୍ଧାର ରାତିଟା ବି ବହୁତ ଅଜବ, କିଏ କାହା ସ୍ୱପ୍ନରେ ବୁଡ଼ି ମରେ ଆଉ କିଏ କାହା ଛଳନା ଶିଖାରେ ଜଳେ । ମଣିଷ ସବୁବେଳେ ଭାବେ କି ସମସ୍ତେ ତାକୁ ଗୁରୁତ୍ୱ ଦିଅନ୍ତୁ, କିନ୍ତୁ ସେ ନିଜେ ଏକ ମୁହୂର୍ତ୍ତ ବି ଭାବେ ନାହିଁ ଯେ ସେ କେତେ ଜଣଙ୍କୁ ଗୁରୁତ୍ୱ ଦେଇଛି ।
- ସତ୍ୟ ସର୍ବଦା ସୂର୍ଯ୍ୟ ପରି ହୋଇଥାଏ, ତାକୁ ମିଛର କଳା ବାଦଲ କିଛି କ୍ଷଣ ପାଇଁ ଢାଙ୍କି ଦେଇପାରେ କିନ୍ତୁ ସବୁଦିନ ପାଇଁ ନୁହେଁ । ସମାଜ ଆଜି ଏମିତି ହୋଇଯାଇଛି ଯେ ଏଠି ସତ୍ ପଥଗାମୀ ମଣିଷମାନେ ଅବହେଳିତ ଆଉ ଅସତ୍ ପଥଗାମୀ ମଣିଷମାନେ ସମ୍ମାନିତ ।
- ଯେତେବେଳେ ତୁମେ ଭୂପୃଷ୍ଠକୁ ଆସିଛ କିଛି ଭୂମିକା ନେଇ,ଏପରି କିଛି କର ଯାହା ଯୁଗେ ଯୁଗେ ଏକ ଉଦାହରଣ ସୃଷ୍ଟି କରିବ । ସେହି ବ୍ୟକ୍ତି ତାଙ୍କ ଜୀବନରେ ସଫଳ ହୋଇଥାଏ, ଯିଏ ଭଙ୍ଗାକୁ ଗଢ଼ି ପାରି ଥାଏ ଏବଂ କ୍ରୋଧୀକୁ ବୁଝେଇବା ଜାଣିଥାଏ । ସଫଳତା ଆମକୁ ସେତେବେଳ ପର୍ଯ୍ୟନ୍ତ ମିଳି ପାରିବ ନାହିଁ,ଯେତେବେଳ ପର୍ଯ୍ୟନ୍ତ ଆମର ଇଚ୍ଛା ଶକ୍ତି ମଜବୁତ ହୋଇନାହିଁ ।
- ଜୀବନରେ ଏତେ 'ଭୁଲ' କର ନାହିଁ ଯେ ପେନସିଲ 'ପୂର୍ବରୁ ରବର୍ ସରିଯିବ,ଆଉ ରବର କୁ ଏତେ ଘଷ ନାହିଁ ଯେ ଜୀବନର 'ଫର୍ଦ୍ଦ' ଚିରିଯିବ । ନିଜ ଯୌବନ ଓ ପଇସା ଉପରେ କେବେ ଗର୍ବ କରିବ ନାହିଁ କାହିଁକିନା ଯେଉଁ ଜିନିଷ ଗଣା ଯାଇ ପାରିବ ତାହା ନିହାତି ଶେଷ ହୋଇଯାଏ । ପ୍ରତ୍ୟେକ ବ୍ୟକ୍ତିଙ୍କର କିଛି ନା କିଛି ପ୍ରତିଭା ଥାଏ,କିନ୍ତୁ ସେମାନେ ଅନ୍ୟମାନଙ୍କ ପରି ହେବାକୁ ଯାଇ ପ୍ରାୟତଃ ଏହାକୁ ନଷ୍ଟ କରନ୍ତି ।
- 'ଦୁନିଆରେ କିଏ କେତେଦିନ ବଞ୍ଚିବ କେହି ଜାଣି ନାହାନ୍ତି. ତ କ'ଣ ପାଇଁ ଏ ରାଗ ଅଭିମାନ ସବୁକିଛି ଭୁଲିଯାଇ ନିଜେ ଖୁସିରେ ରହି ଅନ୍ୟକୁ ଖୁସି ଦେବାକୁ ଚେଷ୍ଟା କରନ୍ତୁ କାହିଁକିନା ଏ ଜୀବନ ଦୁଇ ଦିନର ।
- କେବେବି ନିଜ ଜୀବନରେ ଘଟୁଥିବା ଦୁଃଖ ପାଇଁ ଅସନ୍ତୋଷ ପ୍ରକାଶ କରନ୍ତୁ ନାହିଁ । କାହିଁକିନା ଭଗବାନ ସର୍ବଦା ଏକ ପ୍ରଭାବଶାଳୀ ବ୍ୟକ୍ତିକୁ ହିଁ କଷ୍ଟ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦେଇଥାନ୍ତି । ପ୍ରକୃତରେ କଷ୍ଟ କଣ ଯେଉଁମାନେ ଜାଣିଛନ୍ତି ସେମାନେ କେବେ କାହାର କଷ୍ଟର କାରଣ ହୁଅନ୍ତି ନାହିଁ । ସବୁକିଛି ସହି ଯାଉଥିବା ଲୋକ କେବେ ବୋକା ହୋଇନଥାନ୍ତି .ତାଙ୍କ ଝିଭ ଉପରେ ସଂସ୍କାରର ଲଗାମ ଲାଗିଥାଏ ନହେଲେ ଯିଏ ଶୁଣି ପାରେ ସିଏ ମଧ ଶୁଣାଇ ପାରେ ।

ଆଧ୍ୟାତ୍ମିକ ଘର ତିଆରି ପାଇଁ ପ୍ରସ୍ତୁତ ହୁଅନ୍ତୁ

'ତୁମର ଏହି ସାଂସାରିକ ଜୀବନ, ଘରବାଡ଼ି ସବୁ ଭଡାଘର ଅଟେ ।

କୌଣସିଟି ବି ନିଜ ଘର ନୁହେଁ ।

ଜମି ମାଲିକ ଆସି ତୁମକୁ ଯେକୌଣସି ସମୟରେ ଘର ଖାଲି କରିବାକୁ ନୋଟିସ୍ ଦେଇପାରିବେ ।

ତୁମ ଅନୁରୋଧରେ ବୋଧହୁଏ କିଛି ସମୟର ମହଲତ ଦେଇପାରନ୍ତି । ତା'ପରେ ତୁମକୁ ଘର ଛାଡି ଉଠିବାକୁ ପଡିବ । ଏହାତ ହେଲା ତୁମର ବସ୍ତୁବାଦୀ ଘର, ଯେଉଁଥିରେ ତୁମେ ତୁମ ପରିବାର ସହ ରହୁଛ, ଦୈନଦିନ କାମ କରୁଛ, ଖାଉଛ, ପିଉଛ ଓ ଅନ୍ୟାନ୍ୟ ସବୁ କିଛି କରୁଛ ।

କିନ୍ତୁ ତୁମେ ଅନ୍ୟ ଏକ ଘରେ ରହୁଛ ଯାହାର ନାମ ତୁମ ନିଜ ଶରୀର । ଯମରାଜ ଯାହାର ମାଲିକ । ସେହି ଭୟଙ୍କର ଘର ମାଲିକ ଦିନେ ଆସି କହିବ, 'ମହାଶୟ ଆପଣଙ୍କ ସହିତ ୬୫/୭୦/୭୫/୮୦ କିମ୍ବା ୧୦୦ ବର୍ଷ ପରି ଏକ ଚୁକ୍ତି ହୋଇଥିଲା । ଘର ଭଡ଼ାର ଏହି ଚୁକ୍ତିନାମାର ଅବଧି ସମାପ୍ତ ହୋଇଛି । ଆପଣଙ୍କ ପରମାୟୁ ପୁରି ଯାଇଛି । ଏବେ ଆପଣଙ୍କୁ ଏ ଘର ତୁରନ୍ତ ଖାଲି କରିବାକୁ ପଡିବ, ବର୍ତ୍ତମାନ ଏଘରୁ ବାହାରକୁ ଯାଅ । ତୁମେ ବହୁତ ଅନୁନୟ ବିନୟ ହେବ, ଡାକ୍ତର ଲଗାଇବ, ଔଷଧ ଖାଇବ, ମେଡିକାଲ ଯନ୍ତ୍ରପାତି ଲଗାଇବ, ଯଦି ଅନୁରୋଧ କଲ, ସମୟ ଦିଅ ବୋଲି କହିଲ , ତେବେ ହୁଏତ ସେ କିଛି ସମୟ ପାଇଁ ଚାଲି ଯାଇପାରିବେ, କିନ୍ତୁ ପୁଣି ଲେଉଟି ଆସିବେ । ପୁଣି ଆସିଲାବେଳେ ଆଉ ଅପେକ୍ଷା କରିବେନି, ତା'ପରେ ତୁମେ ଏହି ଶରୀର ରୂପୀ ଘରୁ ବାହାରକୁ ଯିବାକୁ ପଡିବ ... ଏବେ କିନ୍ତୁ ତୁମେ କେଉଁଠାରେ ରହିବ ?

ଜ୍ଞାନୀ ବିଜ୍ଞ ଜନମାନେ ଭଡା ଘରେ ରହୁଥିବା ବେଳେ ନିଜର ଏକ ସ୍ଥାୟୀ ଆଧ୍ୟାତ୍ମିକ ଘର ନିର୍ମାଣ କରନ୍ତି । ତାଙ୍କର ନିଜର ନୂତନ ସ୍ଥାୟୀ ଆଧ୍ୟାତ୍ମିକ ଗୃହ ନିର୍ମାଣ ହେଲାପରେ, ଜମିଦାର ଶେଷ ନୋଟିସ ଦେଲାବେଳେ ସେ କୌଣସି ଆପତ୍ତି ଅଭିଯୋଗ ବିନା, ବେଶ୍ ସନ୍ତର୍ପଣରେ ହସି ହସି ଘର ଛାଡି ଚାଲିଯାଆନ୍ତି ।

ତୁମକୁ ମଧ ଏପରି ଏକ ନିଜ ସ୍ଥାୟୀ ଆଧ୍ୟାତ୍ମିକ ଘର ନିର୍ମାଣ କରିବାକୁ ପଡିବ, ସେଥି ପାଇଁ ଇଟା, ବାଲି କି ସିମେଣ୍ଟ ଦରକାର ହୁଏ ନାହିଁ । ସେହି 'ଆଧ୍ୟାତ୍ମିକ' ଘରନିର୍ମାଣ ପାଇଁ ଅନ୍ୟ ପ୍ରକାର ସାମଗ୍ରୀ ଆବଶ୍ୟକ ଯଥା : ସତ୍ୟ କହିବା, ଧାର୍ମିକ ପଥ ଅନୁସରଣ କରିବା, ମାନବଜାତି ଏବଂ ପ୍ରକୃତିର ବିକାଶ ପାଇଁ କାର୍ଯ୍ୟ କରିବା, ସମସ୍ତଙ୍କୁ ଭଲ ପାଇବା ସହ ସେମାନଙ୍କ ସୁଖ ଏବଂ ଦୁଃଖ ବାଣ୍ଟିବା ଏବଂ ସଚ୍ଚୋଟ ଲୋକଙ୍କ ସହଭାଗିତା ।

ଏସବୁ କରି ତୁମେ ତୁମର ଘର ଧୀରେ ଧୀରେ ନିର୍ମାଣ କରି ପାରିବ, ସେହି ଘରୁ ତୁମକୁ କେହି କେବେବି ବାହାର କରିବାକୁ ଗୋଡ଼ାଇବେ ନାହିଁ କି ସାହସ ମଧ କରିବେନି । ଯେତେବେଳେ ଯମରାଜ ଆସି ତୁମ ଘରୁ ତୁମକୁ ଉଠାଇବେ, ତୁମେ ହସିବ ଏବଂ ବିନା ଦ୍ୱିଧାରେ, ଖୁସିରେ ଦିବ୍ୟଲୋକରେ ଥିବା ତୁମର ନିଜ ଅତି ଆପଣାର ଆଧ୍ୟାତ୍ମିକ ଘରକୁ ଯିବ । ସେଠାରେ ନାହିଁ ଦୁଃଖ, କଷ୍ଟ, ଅଶାନ୍ତି ଦ୍ୱେଷ ଅଭାବ ବା ଅନାଟନ ଆଦି ।

ତେଣୁ ନିଜ ଆଧ୍ୟାତ୍ମିକ ଘର ତିଆରି ପାଇଁ ପ୍ରସ୍ତୁତ ହେଉଛ ତ ? କେବେ ସେ ଘରର ମୂଳଦୁଆ ପକାଉଛ ?

ବର୍ଷ ୨୯, ସଂଖ୍ୟା - ୩୨, ୧୦ - ୧୬ ଅଗଷ୍ଟ ୨୦୨୫

ପୁଣି ତେଜିଲା 'ବେଞ୍ଚ' ରାଜନୀତି

ମହାରାଷ୍ଟ୍ରର କୋହ୍ଲପୁର ଠାରେ ଆଉ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି । ଆସନ୍ତା ଅଗଷ୍ଟ ୧୮ ତାରିଖରୁ ଏହି ନୂଆ ବେଞ୍ଚ କାର୍ଯ୍ୟକ୍ଷମ ହେବ । ଏହାକୁ ମିଶାଇ ମହାରାଷ୍ଟ୍ରରେ ହାଇକୋର୍ଟର ବେଞ୍ଚ ସଂଖ୍ୟା ୪ରେ ପହଞ୍ଚିବ । ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠାକୁ କେନ୍ଦ୍ର ଅନୁମତି ପରେ ପଶ୍ଚିମ ଓଡ଼ିଶାରେ ପୁଣିଥରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜନୀତି ଜୋର୍ ଧରିଛି । ଯଦି ମହାରାଷ୍ଟ୍ରରେ ନୂଆ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁମତି ଦିଆଗଲା, ତେବେ ଓଡ଼ିଶାରେ ଆଉ ଗୋଟାଏ ବେଞ୍ଚ ସ୍ଥାପନ ପାଇଁ କାହିଁକି ସରକାର ନିରବ ରହିଛନ୍ତି ବୋଲି ପଞ୍ଚିମଓଡ଼ିଶାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ଦୀର୍ଘଦିନ ଧରି ଦାବି ହୋଇ ଆସୁଛି । 'ବେଞ୍ଚ' ଦାବିରେ ପଶ୍ଚିମ ଓଡ଼ିଶାରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଆନ୍ଦୋଳନ ମଧ୍ୟ ହୋଇଛି । କିନ୍ତୁ ଡିଜିଟାଲ ଯୁଗରେ ହାଇକୋର୍ଟ ବେଞ୍ଚର ଆବଶ୍ୟକତା ନ ଥିବା ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଆଧାରରେ ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି କରାଯାଇଛି । ତେବେ ଗତ ନିର୍ବାଚନ ବେଳେ ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି ।

ଅପରପକ୍ଷରେ ଗତ ୫୦ ବର୍ଷରୁ ଅଧିକ ସମୟ ହେଲା ହାଇକୋର୍ଟର ସ୍ଥାୟୀ ବେଞ୍ଚ ପାଇଁ ଆନ୍ଦୋଳନ ଚଳାଇଥିବା ପଶ୍ଚିମ ଓଡ଼ିଶାବାସୀଙ୍କ ଭାବନା ସହିତ ରାଜ୍ୟ ଓ କେନ୍ଦ୍ର ସରକାର ଖେଳ ଖେଳୁଛନ୍ତି । ଗତ ନିର୍ବାଚନ ସମୟରେ ବିଜେପି ରାଜ୍ୟରେ କ୍ଷମତାକୁ ଆସିଲେ ହାଇକୋର୍ଟ ବେଞ୍ଚ ସ୍ଥାପନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ପଶ୍ଚିମ ଓଡ଼ିଶାବାସୀ ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ଉପରେ ଭରସା କରିଥିଲେ । ପଶ୍ଚିମ ଓଡ଼ିଶାର ଦଳର ସମସ୍ତ ସାଂସଦ ଓ ସିଂହଭାଗ ବିଧାୟକ ପ୍ରାର୍ଥୀ ବିଜୟୀ ହୋଇଥିଲେ । ହେଲେ, ଶାସନ କ୍ଷମତାକୁ ଆସିବାର ଏକ ବର୍ଷ ଭିତରେ ନୂଆ ସରକାର ବା ଦଳ ତରଫରୁ ଏଦିଗରେ କୌଣସି ବି ପଦକ୍ଷେପ ନିଆଯାଇ ନାହିଁ । ବିଜେପିର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା କଳାହାଣ୍ଡି ସାଂସଦ ଥିବା ସମୟରେ ଲୋକସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ତତ୍କାଳୀନ କେନ୍ଦ୍ର ଆଇନ ମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ ସରକାରଙ୍କ ବିଚାରାଧୀନ ରହିଛି, ରାଜ୍ୟ ସରକାରଙ୍କ ଠାରୁ ଠୋସ୍ ପ୍ରସ୍ତାବକୁ ଅପେକ୍ଷା କରାଯାଇଥିବା କହିଥିଲେ । ହେଲେ, ଗତବର୍ଷ ୨ ସେପ୍ଟେମ୍ବରରେ କଳିକେଶ ସିଂଦେଓ ଓ ମନୋହର ରନ୍ଧାରୀଙ୍କ ହାଇକୋର୍ଟ ବେଞ୍ଚ ସ୍ଥାପନ ସଂପର୍କିତ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ବିଧାନସଭାକୁ ହୁଲସ୍ତୁଲ କରିଥିଲା । ଏଭଳି କୌଣସି ପ୍ରସ୍ତାବ ବର୍ତ୍ତମାନ ପାଇଁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିବାବେଳେ ପରବର୍ତ୍ତୀ ସମୟରେ ଏହି ବିଷୟ ସରକାରଙ୍କ ବିଚାରାଧୀନ ଥିବା ସଫେଇ ଦିଆଯାଇଥିଲା । ଇତିମଧ୍ୟରେ ସରକାରୀ ସ୍ତରରେ କୌଣସି ପ୍ରୟାସ ହୋଇନାହିଁ । ଭାରତର ପ୍ରଧାନ ବିଚାରପତି ବିଆର୍ ଗଭାଇ କୋହ୍ଲାପୁର ସର୍କିଟ ବେଞ୍ଚ ପ୍ରତିଷ୍ଠାକୁ ସମର୍ଥନ କରିବାପରେ ରାଜ୍ୟ ସରକାରଙ୍କ ଅନାଗ୍ରହକୁ ନେଇ ପଶ୍ଚିମ ଓଡ଼ିଶାରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କଟକରୁ ହାରାହାରି ୪୦୦ କିଲୋମିଟର ଦୂରରେ ଥିବା ପଶ୍ଚିମ ଓଡ଼ିଶାରେ କାହିଁକି ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ପ୍ରଶ୍ନ ଉଠିଛି ।

ଏବେ ମହାରାଷ୍ଟ୍ରରେ ନୂଆ ବେଞ୍ଚ ସ୍ଥାପନ ପାଇଁ କେନ୍ଦ୍ରୀୟ ଅନୁମତି ମିଳିବା ପରେ ପଶ୍ଚିମ ଓଡ଼ିଶାରେ ଏହି ଦାବି ଜୋର୍ ଧରିଛି । ବଲାଙ୍ଗୀର ଓକିଲ ସଂଘ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗ ଉଠାଇଥିବାବେଳ ସମ୍ବଲପୁରରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ହୋଇଛି । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ବହୁ ପୁରୁଣା । ଦୀର୍ଘ ଦିନ ଧରି ସ୍ଥାନୀୟ ସାମାଜିକ ସଙ୍ଗଠନ, ଆଇନଜୀବୀ ଏହି ଦାବିକୁ ଦୋହରାଇ ଆସୁଛନ୍ତି । ପ୍ରତି ମାସର ଶେଷ ସପ୍ତାହରେ ଅଦାଲତ ବନ୍ଦ କରି ବେଞ୍ଚ ସ୍ଥାପନ ପାଇଁ ମଧ୍ୟ ଏକ ସମୟରେ ଦାବି କରାଯାଉଥିଲା । ସ୍ଥାନୀୟ ଜନସାଧାରଣ ଓ ଆଇନଜୀବୀଙ୍କ ଦାବିକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବର ୫ ଓ ୨୦୧୯ ଜାନୁଆରୀ ୧୧ ତାରିଖରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ପଶ୍ଚିମ ଓଡ଼ିଶାରେ ବେଞ୍ଚ ସ୍ଥାପନ ପାଇଁ ଅନୁରୋଧ କରିଥିଲେ ।

ବିଜେଡି ସାଂସଦମାନେ ଅତୀତରେ ଲୋକସଭା ଓ ରାଜ୍ୟସଭାରେ ମଧ୍ୟ ଏ ସଂକ୍ରାନ୍ତରେ ଦାବି ସହ ସରକାରଙ୍କ ଉତ୍ତର ଲୋଡିଥିଲେ । ମାତ୍ର ଏଯାଏ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି । ଏବେ ରାଜ୍ୟରେ ବେଞ୍ଚ ଦାବି ପୁଣି ଜୋର ଧରିବା ଆରମ୍ଭ କରିଥିବା ବେଳେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସାପ ମରିବନି କି ବାଡ଼ି ଭାଙ୍ଗିବନି ପରି ରକ୍ଷଣାମୂକ ମନ୍ତବ୍ୟ ଦେଇଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଦଶନ୍ଧି ଧରି ଚାଲି ଆସିଛି । ସ୍ୱାଭାବିକ ଭାବେ ପଶ୍ଚିମ ଓଡ଼ିଶା ବିଜେପିର ଗଡ ରୂପେ ଜଣାଯାଏ । ରାଜ୍ୟରେ କ୍ଷମତାକୁ ଆସିଲେ ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ହେବ ବୋଲି ନିର୍ବାଚନରେ ବିଜେପିର ଛାମୁଆ ନେତା ପ୍ରତିଶ୍ରୁତି ଦେଇଥିଲେ । ବିଜେପି ପଶ୍ଚିମ ଓଡ଼ିଶାରୁ ସମସ୍ତ ୫ ଲୋକସଭା ଆସନ ଜିଣିବା ସହ ବହୁ ସଂଖ୍ୟାରେ ବିଧାନସଭା ଆସନ ମଧ୍ୟ ଜିଣିବାରେ ସମର୍ଥ ହୋଇଥିଲା । ତେବେ ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରେ ବେଞ୍ଚ ପ୍ରତିଷ୍ଠା ଏବେ ବିଜେପି ପାଇଁ ବଡ଼ ଆହ୍ୱାନ ପାଲଟିଛି । ଏହାଠାରୁ ବଡ଼ ଆହ୍ୱାନ ହେଉଛି ବେଞ୍ଚ କେଉଁଠାରେ ପ୍ରତିଷ୍ଠା ହେବ ସେନେଇ ସ୍ଥାନ ନିରୂପଣ କରିବା । ଏନେଇ ବିଜେପି ଅଠାକାଠିରେ ପଡ଼ିବାର ସମ୍ଭାବନା ରହିଛି । ଯଦି ବିଜେପି ସରକାର ପଶ୍ଚିମ ଓଡ଼ିଶାରେ ବେଞ୍ଚ ପ୍ରତିଷ୍ଠା ନକରୁଛନ୍ତି, ତାହେଲେ ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଶକ୍ତ ଧକ୍କା ସଦୃଶ୍ୟ ହେବ ।

ତେବେ କ'ଣ ବାଛିବା ?

ମହାତ୍ମା ଗାନ୍ଧୀ



ବର୍ତ୍ତମାନ ଯେଉଁମାନେ ଧନର ଅଧିକାରୀ ହୋଇ ରହିଛନ୍ତି, ସେମାନଙ୍କୁ ଶ୍ରେଣୀସଂଘର୍ଷ ଏବଂ ସ୍ୱେଚ୍ଛାପ୍ରବୃତ୍ତ ଭାବରେ ଆପଣା ସମ୍ପତ୍ତିର ମାରଫଦାର ହୋଇ ରହିବା ମଧ୍ୟରୁ ଗୋଟିକୁ ବାଛିନେବାକୁ ପଡିବ । ସେମାନଙ୍କୁ ଆପଣା ସମ୍ପତ୍ତିର ତତ୍ତ୍ୱାବଧାରକ ହୋଇ ରହିବାକୁ ଅବଶ୍ୟ ଅନୁମତି ଦିଆଯିବ । ଆପଣାର ପ୍ରତିଭା ଓ ସାମର୍ଥ୍ୟ ଲଗାଇବାକୁ ଓ ନିଜ ପାଇଁ ନୁହେଁ, ମାତ୍ର ଜାତିର କଲ୍ୟାଣ ପାଇଁ ଅର୍ଥାତ ଆଦୌ କୌଣସି ଶୋଷଣ ନ କରି ସେହି ସମ୍ପତ୍ତିର ବୃଦ୍ଧି ସାଧନ କରିବାକୁ ମଧ୍ୟ ଦିଆଯିବ ।

ସେମାନେ ଯେତିକି ହିତ ସାଧନ କରୁଥିବେ ଓ ସମାଜ ଲାଗି ତାହାର ଯେତିକି ମୂଲ୍ୟ ରହିଥିବ, ସେହି ଅନୁସାରେ ରାଷ୍ଟ୍ର ତରଫରୁ ସେମାନଙ୍କୁ ପ୍ରାପ୍ତ ହେବା କମିଶନ ଧାର୍ଯ୍ୟ କରାଯିବ । କେବଳ ସେଥିଲାଗି ଯୋଗ୍ୟ ହୋଇଥିଲେ ଯାଇ ସେମାନଙ୍କର ପିଲାମାନେ ମଧ୍ୟ ତତ୍ତ୍ୱାବଧାରକ ହେବାର ସେହି ଅଧିକାରଟିକୁ ଲାଭ କରି ପାରିବେ ।

ଭାରତବର୍ଷ କାଲିଠାରୁ ଏକ ସ୍ୱାଧୀନ ଦେଶରେ ପରିଣତ ହୋଇଗଲା ବୋଲି ଯଦି ମନେ କରାଯାଏ, ତେବେ ଯେତେ ପୁଞ୍ଜିବାଦୀ ରହିଛନ୍ତି, ସମସ୍ତଙ୍କୁ ଆଇନତଃ ଟ୍ରଷ୍ଟୀ ହୋଇ ରହିବା ଲାଗି ଏକ ସୁଯୋଗ ଅବଶ୍ୟ ମିଳିବ । ମାତ୍ର ଏପରି ଏକ ଆଇନକୁ ଆଦୌ ଉପରୁ ଲଦି ଦିଆ ଯିବ ନାହିଁ । ଏହାକୁ ତଳୁ ହିଁ ଆସିବାକୁ ହେବ ।

ଯେତେବେଳେ ଜନଗଣ ଟ୍ରଷ୍ଟୀ ବ୍ୟବସ୍ଥାର ନିହିତାର୍ଥଗୁଡିକୁ ବୁଝିବେ ଏବଂ ବାତାବରଣ ସେଥିଲାଗି ଉପଯୁକ୍ତ ହୋଇଯିବ, ସ୍ୱୟଂ ଲୋକମାନେ, ଗ୍ରାମପଞ୍ଚାୟତ ସ୍ତରରୁ ଆରମ୍ଭ କରି ଏହିଭଳି ଆଇନଗୁଡିକୁ ଲାଗୁ କରିବାକୁ ଆରମ୍ଭ କରିବେ । ତଳୁ ଆସୁଥିବା ଏପରି ଗୋଟିଏ ପ୍ରଣୟନକୁ ଗ୍ରହଣ କରିନେବା ନିଶ୍ଚୟ ସହଜ ହେବ । ଉପରୁ ଆସୁଥିଲେ ତାହା ଅତ୍ୟନ୍ତଭାରି ଗୋଟିଏ ବୋଝ ପରି ବୋଧ ହେଉଥିବ ।

ଯୁକ୍ତି ହିସାବରେ ମୁଁ ଏକଥା ମଧ୍ୟ କହିବାକୁ ବେଶ୍ ପ୍ରସ୍ତୁତ ଅଛି ଯେ, ଜମିଦାରମାନେ ବହୁ ସଂଖ୍ୟକ ଅପରାଧରେ, ବହୁ ଅନାଚରଣ ଏବଂ ମନ୍ଦାଚରଣରେ ଅପରାଧୀ ହୋଇ ରହିଛନ୍ତି । ମାତ୍ର, ତାହାର ଅର୍ଥ ନୁହେଁ ଯେ, ଏହି ପୃଥିବୀର ଅସଲ ସାର ଓ ଲବଣ ହୋଇ ରହି ଆସିଥିବା କୃଷକ ଏବଂ ଶ୍ରମିକ ମଧ୍ୟ ସେହି ଅପରାଧର ଅନୁକରଣ କରିବ । ଯଦି ଲବଣଠାରୁ ତା'ର ଲବଣତ୍ୱ ଚାଲିଯିବ, ତେବେ ଆଉ କ'ଣ ଦେଇ ତାକୁ ପୁନର୍ବାର ଲବଣଯୁକ୍ତ କରାଯାଇ ପାରିବ ?

ମୁଁ ଜମିଦାରମାନଙ୍କୁ କହୁଛି ଯେ, ଆପଣମାନଙ୍କର ବିରୁଦ୍ଧରେ ଯାହା କୁହାଯାଇଛି, ଯଦି ସେସବୁ ସତ ହୋଇଥାଏ, ତେବେ ଆପଣମାନଙ୍କର ଦିନ ସରି ଆସିଲା ବୋଲି ମୁଁ ଆପଣମାନଙ୍କୁ ଅବଶ୍ୟ ସତର୍କ କରିଦେବି । ଆପଣମାନେ ଆଉ କଦାପି ଅଧିକ କାଳ ପ୍ରଭୁ ଓ ମାଲିକ ହୋଇ ରହି ପାରିବେ ନାହିଁ । ଆପଣମାନେ ଯଦି ଦରିଦ୍ର କୃଷକମାନଙ୍କର ଟ୍ରଷ୍ଟୀ ହୋଇ ରହିପାରିବେ, ତେବେ ଆପଣମାନଙ୍କ ଲାଗି ଏକ ଉଜ୍ୱଳ ଭବିଷ୍ୟତ ରହିଛି । ମୁଁ ଆଦୌ ନାମକୁ ମାତ୍ର ଟ୍ରଷ୍ଟୀ ହୋଇ ରହିବା କଥା ଭାବୁ ନାହିଁ, ମୁଁ ସତକୁ ସତ ଟ୍ରଷ୍ଟୀ ହୋଇ ରହିବା ବିଷୟରେ କହୁଛି । ଏଭଳି ଟ୍ରଷ୍ଟୀମାନେ ଆପଣା ଲାଗି ଏପରି ଆଦୌ କିଛି ନେବେ ନାହିଁ, ଯାହାକୁ କି ସେମାନଙ୍କର ମାରଫତରେ ରହିଥିବା ଶ୍ରମିକମାନେ ସେମାନଙ୍କୁ ଦେବାକୁ ମନ ନ କରିବେ । ସେତେବେଳେ ସେମାନେ ଅବଶ୍ୟ ଦେଖି ପାରିବେ ଯେ କୌଣସି ଆଇନ ସେମାନଙ୍କ ଯାଏ ଆଦୌ ପହଞ୍ଚ ପାରିବ ନାହିଁ । କୃଷକମାନେ ସେମାନଙ୍କର ବନ୍ଧୁ ହୋଇ ରହିବେ ।

ଯଦି ଜମିଦାରମାନେ ପ୍ରଜାମାନଙ୍କର କଲ୍ୟାଣ ନିମନ୍ତେ ଆପଣା ଜମିଦାରୀଗୁଡିକର ପ୍ରକୃତରେ ମାରଫତଦାର ହୋଇ ରହିବେ, ତେବେ ଦୁହିଁଙ୍କ ମଧ୍ୟରେ ରହିଥିବା ସମ୍ପର୍କ କଦାପି ଦୂଷିତ ହେବ ନାହିଁ । ବର୍ତ୍ତମାନଏହି କଠିନ ଜମିଦାରୀ ସମସ୍ୟାଟି ସମାଧାନ ଲାଗି ଅପେକ୍ଷା କରି ରହିଛି । ଏକ କାମ୍ୟ ଏବଂ ଯଥାର୍ଥ କଥା ହେବ, ଯଦି ସାନବଡ଼, ଜମିଦାର, ପ୍ରଜାବର୍ଗ ଓ ସରକାରଗୁଡିକ ମଧ୍ୟରେ ଏପରି ଏକ ସମୁଚିତ, ନିରପେକ୍ଷ ଏବଂ ସନ୍ତୋଷଜନକ ବୁଝାମଣା ସମ୍ଭବ ହୋଇଯିବ, ଯେପରିକି, ଯେତେବେଳେ ଆଇନଟି ପାସ ହୋଇଯିବ, ସେତେବେଳେ ତାହା କେବଳ ଏକ କେହି ପାଳନ କରି ନ ଥିବା କାଗଜର ଗାର ହୋଇ ରହିବ ନାହିଁ ଅଥବା ଜମିଦାର କିମ୍ବା ପ୍ରଜାଙ୍କର ବିରୋଧରେ କୌଣସି ବଳ ପ୍ରୟୋଗ କରିବାକୁ ବି ପଡିବ ନାହିଁ । ଏହି ଯାବତୀୟ ପରିବର୍ତ୍ତନ, ସେଗୁଡିକ ମଧ୍ୟରୁ କେତେକ ମୌଳିକ ସ୍ତରର ପରିବର୍ତ୍ତନ ହେବାକୁ ବାଧ ହେବ, ଆଦୌ କୌଣସି ରକ୍ତପାତ ଏବଂ ବଳପ୍ରୟୋଗ ନ ହୋଇ ଭାରତବର୍ଷ ଯାକ ପ୍ରକୃତରେ ସମ୍ଭବ ହୋଇ ଯାଆନ୍ତା କି ?

ପରଂବ୍ରହ୍ମ ଆବାହନ

ପଣ୍ଡିତ ନାମଯଜ୍ଞ ମିଶ୍ର

ତୁମେ ତ ରହିଛ ମୋର ହୃଦୟ ମନ୍ଦିରେ
ମୁଁ ବି ଅଛି ତୁମ ଅଭ୍ୟନ୍ତରେ
ତଥାପି ମୁଁ ଖୋଜୁଛି ତୁମକୁ
କସ୍ତୁରୀ ବା ଉଳାପଣେ
ଉର୍ଦ୍ଧ୍ୱମୁଖେ ଏଣେ ତେଣେ
ଅଜନ୍ତା, ଏଲୋରା ଅବା କୋଣାର୍କରେ
ତୀର୍ଥସ୍ଥଳେ ମନ୍ଦିରରେ
ଗୀର୍ଜା, ମସ୍‌ଜିଦ୍ ଗୁରୁଦ୍ୱାରେ
ଅନିକିନୀ, ଗିରିଗୁହା ବନାନୀ ସାଗରେ ।
ହେଇ ଏଇତ ଶୁଭୁଛି ତବ ନୂପୁର ନିକୂଣ
ଦିଶେ ଦିଶେ ଦିଶେ ତବଶିଖୀ ଚୂଳ ଲଟ
ଦର ହସିତ ବଦନ ଛବିଳ ନୟନ
ତୁମକୁ ଦେଖିବି ବୋଲି ଅକ୍ଷଚକ୍ଷୁ ମେଲି
ଗୁହିଁବା ବେଳକୁ, ଧାଇଁବା ବେଳକୁ
କେଣେ ହୋଇଯାଅ ଅର୍ନ୍ତଧ୍ୟାନ ।
...ପୁଣି ସେଇ ପଦପାତ ପୁଣି ସେଇ ଅବସାଦ
ଶୂନ୍ୟ ମିଶିଯାଏ ଏ ଶୂନ୍ୟ, ଶୂନ୍ୟ ମହାଶୂନ୍ୟ ।
ଅନନ୍ତ, ନିର୍ଗୁଣ କରୁଛ ବିଷର୍ଣ୍ଣ ।
ହୁଅ ତୁମେ ଶୂନ୍ୟ ବା ନିର୍ଗୁଣ; ନିର୍ମୋହୀ
ପତ୍ରଝଡା ଥୁଣ୍ଟା ବୃକ୍ଷ ମୁହି
ତୁମ୍ଭ ପ୍ରୀତି ମଳୟ ଆଶାୟୀ
କେବେ ଆସି ଭରିଯିବ ଅଙ୍ଗେ ଅଙ୍ଗେ ମୋର
ପ୍ରେମର କୋରକ ସବୁ ସଘନେ ଫୁଟାଇ
ହୀୟ ! କଂଟ ଦେଇ ଆସିଲ ତ ନାହିଁ ?
ପ୍ରୀତିର କୋରକ ସବୁ ଫୁଲ କରି
ଗଲନି ଫୁଟାଇ ।
ତୁମେ ହିଁ ତ ଏକମାତ୍ର ମୋ ପ୍ରେମପସରା
ଶୀତ ପ୍ରାତଃ କଅଁଳିଆ ଖରା
ନିଦାଘର ସୁଶୀତଳ ଛାୟା,
ଶରତର ରାଜା ଶଶୀ !
ବସନ୍ତର ମଧୁର ମଳୟ
ପୁଲକିତ ପ୍ରାଣ ମଧୁକ୍ଷର
ଆସ, ଆସ ହେ ଦୁଃଖ ପାଶୋରା
ଦେଖ, ମାଡି ଆସେ ମୃତ୍ୟୁକାରା
ଆସି କର ଦୂର ତାର ଭାରା
କୃତାନ୍ତକୁ ଭୟ ନାହିଁ ମୋର
ଯଦି ତୁମେ ସାଥେ ଥୁବ
ପରଂବ୍ରହ୍ମ ! ଆଲୋକ ପସରା ।

ବରପାଲିପଡା, ବଲାଙ୍ଗିର

ମୁଣ୍ଡବ୍ୟଥାର ଘରୋଇ ଉପଚାର

ମୁଣ୍ଡବ୍ୟଥା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି । ତେବେ ଏପରି କେତେକ ଘରୋଇ ଉପଚାର ରହିଛି ଯାହାଦ୍ୱାରା ଏଥିରୁ ଅନେକାଂଶରେ ଉପଶମ ମିଳିପାରିବ । ଡାଲଚିନି ଗୁଣ୍ଡକୁ ପାଣିରେମିଶାଇ ମଥାରେ ଲେପ ଦେଲେ ମୁଣ୍ଡବିନ୍ଧାରୁ ଉପଶମ ମିଳିଥାଏ । ଖରାଦିନରେ ମୁଣ୍ଡ ବିନ୍ଧିଲେ ମଥାରେ ଚନ୍ଦନର ଲେପ ଦେଲେ ଏଥିରୁ ଆରାମ ମିଳେ । ମୁଣ୍ଡରେ ନଡିଆ ତେଲ ଭଲ ଭାବରେ ମାଲିସ କଲେ ତାହା ମୁଣ୍ଡ ବିନ୍ଧା ସମସ୍ୟାରୁ କେତେକାଂଶରେ ମୁକ୍ତି ଦେଇଥାଏ । ଗ୍ଲାସେ ପାଣିରେ ଅଳ୍ପ ଲେମ୍ବୁରସ ମିଶାଇ ପିଅନ୍ତୁ । ଏହାଦ୍ୱାରା ମୁଣ୍ଡବିନ୍ଧାରୁ ଉପଶମ ମିଳିଥାଏ ।

ସ୍ୱର୍ବେଦ

ଆତମ ସାଧନ ହୈ ନହୀଁ, ୟହ
ଉଠଯୋଗ ଓ୍ୱିଧାନ ।
ଆତମ ଅନ୍ତର ଆତମା, ଅନୁଭଓ୍ୱ
ଗତି ଓ୍ୱିଜ୍ଞାନ ।।୨୮।।

ଭାଷ୍ୟ - ଉପରୋକ୍ତ ସମସ୍ତ କ୍ରିୟା ହଠଯୋଗ ଅଟନ୍ତି । ଏମାନଙ୍କ ଦ୍ୱାରା ଶରୀର ପବିତ୍ର ହୋଇଥାଏ ଆଉ ଏମାନଙ୍କ ସହିତ ମନକୁ ସଂଯତ କରିପାରିଲେ ଜୀବନରେ ତେଜ ଆସିଥାଏ । ବ୍ରହ୍ମବିଦ୍ୟାର ଅନୁଭବ ବିଜ୍ଞାନର ପ୍ରଗତିରେ ଆତ୍ମାର ଅନ୍ତର ସାଧନା ହୋଇଥାଏ, ଯାହା ଦ୍ୱାରା ପରଂବ୍ରହ୍ମଙ୍କ ପ୍ରାପ୍ତି ହୋଇଥାଏ ।

ବ୍ରହ୍ମରନ୍ଧ୍ର ଅରୁ ଶୂନ୍ୟ ମେଁ, ଭଁଓ୍ୱର
ଗୁଫା ଅସ୍ଥାନ ।
ତ୍ରିକୁଟୀ ଅନ୍ତର ସାଧତେ,
ନୟନନ ଜ୍ୟୋତି ପିଛାନ ।।୨୯।।

ଭାଷ୍ୟ - ବ୍ରହ୍ମରନ୍ଧ୍ର, ଶୂନ୍ୟ, ଭ୍ରମର ଗୁମ୍ଫା, ତ୍ରିକୁଟୀ ଆଉ ବାହ୍ୟ ଭୃକୁଟୀର ସମ୍ମୁଖ ସାଧନ ଦ୍ୱାରା ଜ୍ୟୋତିକୁ ଚିହ୍ନି ପାରିବାର କ୍ରିୟାକୁ ପ୍ରାକୃତିକ ସାଧନ କହନ୍ତି ।

ୟହ ସବ ଯୋଗ ଓ୍ୱିଡ଼ମ୍ବନା,



ଧୋଖା ଜାଲ ଅପାର ।
ଘାଟୀ ମିଲେ ନ ଯ୍ୟୋଗ କୀ, ନହିଁ
ଅନ୍ତର ପୈଠାର ।।୩୦।।

ଭାଷ୍ୟ - ଉପରୋକ୍ତ ସମସ୍ତ ଯୋଗ ଅନ୍ଧକାର ଭିତରେ ରହିଛନ୍ତି, ଏମାନଙ୍କର ଭ୍ରମର ଜାଲ ବହୁତ ବଡ଼ । ଯୋଗର ଉତ୍ତମ ଘାଟି ନ ମିଳିବା ଦ୍ୱାରା ଅନ୍ତର ଅନୁଭବ ସାଧନରେ ପ୍ରବେଶ ହୁଏ ନାହିଁ । ସେଥି ନିମନ୍ତେ ସଦ୍‌ଗୁରୁଙ୍କର ସନ୍ଧାନ କରିବା ଉଚିତ ଆଉ ବ୍ରହ୍ମବିଦ୍ୟାର ସର୍ବୋତ୍କୃଷ୍ଟ ପଥ ପ୍ରାପ୍ତ ହୋଇ ଆଧ୍ୟାତ୍ମିକ ବିକାଶ କରିବା ଉଚିତ, ଯାହା ଫଳରେ ମାନବ ଜୀବନ ପରମାନନ୍ଦକୁ ପୂର୍ଣ୍ଣରୂପରେ ଆସ୍ୱଦନ କରି ପାରିବ ।

ବାହର ବାହର ଖୋଜତେ,
ଅନ୍ତର କୀ ସୁଧି ନାହିଁ ।
ବିନୁ ସଦ୍‌ଗୁରୁ ପାଓ୍ୱୋ ନହୀଁ,
ଭଟକି ମରୋ ଜଗ ମାହିଁ ।।୩୧।।

ଭାଷ୍ୟ - ମୂଳ ସ୍ଥାନକୁ ନ ଜାଣି ବାହାରେ ଖୋଜିବା ଦ୍ୱାରା ସତ୍ୟ ବସ୍ତୁର ପ୍ରାପ୍ତି ହୁଏନାହିଁ । ଜୀବ ଭ୍ରମରେ ପଡ଼ି ବାଟବଣା ହୋଇ ସଂସାରର ଜନ୍ମ ମରଣ ଦୁଃଖ ପ୍ରାପ୍ତ କରିଥାଏ । ସଦ୍‌ଗୁରୁଙ୍କର ବିନା ବ୍ରହ୍ମବିଦ୍ୟାର ସତ୍ୟମାର୍ଗ ପ୍ରାପ୍ତହୁଏ ନାହିଁ ।

ପୂର୍ଣ୍ଣ ଯ୍ୟୋଗ କର କଲ୍ପନା, ୟହ
ମନ ଭ୍ରମ ଓ୍ୱିକାର ।
ଯ୍ୟୋଗ ଯ୍ୟୋଗ ଜାନା ନହୀଁ, ବ୍ୟର୍ଥ
କରେ ହଂକାର ।।୩୨।।

ଭାଷ୍ୟ - ପୂର୍ଣ୍ଣ ଯୋଗର କଳ୍ପନା ନିଜ ମନର ଭ୍ରମଯୁକ୍ତ ବିକାର ଅଟେ । ଯୋଗର ମାର୍ମିକ ତତ୍ତ୍ୱକୁ ନ ଜାଣି ତାହାର ସମ୍ବନ୍ଧରେ ନିର୍ଣ୍ଣୟ କରିବା ଦୋଷାବହ ଏବଂ ନିଜର ଅହଂକାରରେ ବ୍ୟର୍ଥ ଭାବରେ ନିର୍ଣ୍ଣୟ ଅଟେ । କୌଣସି ବସ୍ତୁର ସାକ୍ଷାତ୍‌କାର ପୂର୍ଣ୍ଣ ବୋଧ ହୋଇଯିବା ପରେ ହିଁ ତାହାର ନିର୍ଣ୍ଣୟ ହୋଇପାରେ । ଯୋଗର ଆଧାରର ଯେତେବେଳେ ଜ୍ଞାନ ହେବ ସେତେବେଳେ ତାହାର ମୂଳତତ୍ତ୍ୱର ଜ୍ଞାନ ହେବ । ସେଥିପାଇଁ ସଦ୍‌ଗୁରୁ ଦ୍ୱାରା ସମସ୍ତ ଯୋଗର ଜ୍ଞାନ ପ୍ରାପ୍ତକରି ସର୍ବୋପରି ବିହଙ୍ଗମ ଯୋଗର ଜ୍ଞାନ ପ୍ରାପ୍ତ କରିବା ଉଚିତ ।

କୋଇ ଚାଟକ କୋଇ ନାଟକା,
କୋଇ ସିଦ୍ଧିନ କର ଫେର ।
ମନ ଧୋଖା ଯ୍ୟୋଗୀ ପଡ଼େଁ,
ଛୁଟେ ନ ମନ କୀ ଫେର ।।୩୩।।

ଭାଷ୍ୟ - କିଏ ଚାଟକ, କିଏ ନାଟକ ତ ଆଉ କିଏ ସିଦ୍ଧିର ଚକ୍ରରରେ ପଡ଼ିଛି । ଏହିପରି ଭୌତିକ ଯୋଗୀ ମନର ଭ୍ରମରେ ପଡ଼ି ରହିଥାନ୍ତି, ତାଙ୍କ ନିକଟରୁ ମନର ଚକ୍ରର ଛାଡ଼ିଯାଏ ନାହିଁ ।

ମହା ମୃତ୍ୟୁଞ୍ଜୟ ମନ୍ତ୍ରର ଅର୍ଥ ଓ ପୌରାଣିକ ଆଖ୍ୟାନ

ତ୍ରୟମ୍ବକ୍ମ୍ ଯଜାମହେ ସୁଗନ୍ଧି ପୁଷ୍ଟି ବର୍ଦ୍ଧନମ୍
ଉର୍ବାରୁକମିବ ବନ୍ଧନାନ୍ମୃତ୍ୟୋର୍ମୁକ୍ଷିୟ
ମାମୃତାତ୍।।

ଅର୍ଥ: ତ୍ରୟମ୍ବକ - ତ୍ରୟ (୩) + ଅମ୍ବକ (ନେତ୍ର)= ତ୍ରିନୟନ ଧାରୀ ଶିବ ଯିଏ ତ୍ରିକାଳ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ କାଳରେ ସମାନ ରୁହନ୍ତି । ଯଜାମହେ - ଯଜ (ପୂଜା)+ ମହେ (ଶ୍ରେଷ୍ଠ) ଯାହାଙ୍କୁ ନିରନ୍ତର ସ୍ତୁତି କରନ୍ତି ।

ସୁଗନ୍ଧି- ଶୁଦ୍ଧ ଓ ସୁଗନ୍ଧିତ ତଥା ଆତ୍ମକୁ ମଧ୍ୟ ସୁଗନ୍ଧିତ ଓ ଶୁଦ୍ଧ କରିଥାଏ ।

ପୁଷ୍ଟି ବର୍ଦ୍ଧନମ୍- ପୁଷ୍ଟି (ଶକ୍ତି)+ ବର୍ଦ୍ଧନ(ବୃଦ୍ଧିକାରୀ)= ଆତ୍ମା ଓ ବୁଦ୍ଧିକୁ ଶକ୍ତି ବୃଦ୍ଧିକାରୀ ।

ଉର୍ବାରୁକମିବ - ଉର୍ବରକ , ତରଭୁଜ, ବେଲ ବା କାକୁଡି ଯେପରି ସମ୍ପୂର୍ଣ୍ଣ ପାଚିଲା ପରେ ଗଛ ବା ଲତାରୁ ପଡେ ଓ ଅମୃତ ତୁଲ୍ୟ ମିଠା ହୋଇଥାଏ । ବନ୍ଧନାତ୍ - ବଂଧନରୁ ମୁକ୍ତ । ମୃତ୍ୟୋର୍ମୁକ୍ଷିୟ - ପ୍ରାକୃତିକ ମୃତ୍ୟୁ ପ୍ରାପ୍ତ କରି ମୋକ୍ଷ ହେଉ । ମାମୃତାତ୍ - ଆମେ ଅମରତ୍ୱ ଚାହୁଁ ନାହୁଁ ।

ହେ ତ୍ରିଲୋଚନ ତ୍ରିକାଳ ସ୍ଥିତପ୍ରଜ୍ଞ ଶିବ, ଆପଣ ପୂଜାରେ ଶ୍ରେଷ୍ଠ, ଆପଣ ଜୀବନକୁ ସୁଖୀ, ସୁଗନ୍ଧିତ କରିବା ଓ ଶକ୍ତି ବୃଦ୍ଧି କରିବା ଦେବତା । ଯେଉଁଭଳି ତରଭୁଜ, କାକୁଡି ବା ବେଲ ଫଳ ସମ୍ପୂର୍ଣ୍ଣ ପକ୍ୱ ହେବା ପରେ ଭୂମିରେ ପତିତ ହୁଏ ଓ ତାହା ଅମୃତ ତୁଲ୍ୟ ମିଠା ହୋଇଥାଏ ସେହିଭଳି ମୋତେ ଆପଣ ପୂର୍ଣ୍ଣ ଆୟୁ ପ୍ରଦାନ କରନ୍ତୁ, ଜୀବନକୁ ପୂର୍ଣ୍ଣ ଭୋଗ କରି ପ୍ରାକୃତିକ ତଥା ସ୍ୱାଭାବିକ ମୃତ୍ୟୁ ଲଭି ମୋକ୍ଷ ପ୍ରାପ୍ତିର ଆନନ୍ଦରୁ ବଞ୍ଚିତ ନହୋଇ ସଂସାରରୁ ମୁକ୍ତ ହେବି । ମୁଁ ଅମରତ୍ୱ ଚାହୁଁ ନାହିଁ । ଏତିକି କୃପା କରନ୍ତୁ ହେ ଆଶୁତୋଷ ଶମ୍ଭୁ ।

ପୌରାଣିକ ଆଖ୍ୟାନ :- ମୃକୁଣ୍ଡି ନାମକ ଜଣେ ଋଷି ଥିଲେ । ବିବାହର ଦୀର୍ଘବର୍ଷ ପରେ ମଧ୍ୟ ସେ ନିଃସନ୍ତାନ ଥିଲେ । ପୁତ୍ର ସନ୍ତାନ ପ୍ରାପ୍ତି କାମନା କରି ମୃକୁଣ୍ଡି ଋଷି ଘୋର ତପସ୍ୟା କରି ଶିବଙ୍କୁ ପ୍ରସନ୍ନ କଲେ । ଶିବଙ୍କ କୃପାରୁ ଏକ ପୁତ୍ର ସନ୍ତାନ ପ୍ରାପ୍ତିର ବର ପାଇଲେ । ଭଗବାନ ଶିବ କହିଲେ ଆମ୍ଭ ବର ଫଳରେ ତୁମର ଗୋଟିଏ ପୁତ୍ର ସନ୍ତାନ ନିଶ୍ଚୟ ପ୍ରାପ୍ତ ହେବ । କିନ୍ତୁ ସେହି ସନ୍ତାନଟି ଅଳ୍ପାୟୁ ହେବ, ତାହାର ପରମାୟୁ ମାତ୍ର ୧୬ ବର୍ଷ । ଏହି ବର ପ୍ରଦାନ କରି ଶିବ ଅନ୍ତର୍ଦ୍ଧାନ ହୋଇଗଲେ । ପୁତ୍ର ସନ୍ତାନ ପ୍ରାପ୍ତି ହେବ ଜାଣି ।

ମୃକୁଣ୍ଡି ଋଷି ଯେତିକି ଖୁସି ହେଲେ, ସନ୍ତାନଟି ଅଳ୍ପାୟୁ ହେବ ଜାଣି ସେତିକି ଦୁଃଖିତ ହେଲେ । ସମୟ କ୍ରମେ ତାଙ୍କର ପୁତ୍ର ସନ୍ତାନଟିଏ ଜନ୍ମ ହେଲା । ତାହାର ନାମକରଣ କଲେ ମାର୍କଣ୍ଡେୟ । ଉଭୟ ଋଷି ଦମ୍ପତି ଅତି ଆନନ୍ଦରେ ଶିଶୁଟିକୁ ଲାଳନ ପାଳନ କଲେ । ଧିରେ ଧିରେ ଶିଶୁଟି ଚନ୍ଦ୍ରକଳା ପରି ବଢ଼ିବାରେ ଲାଗିଲା । ତେବେ ଶିଶୁଟି ଯେତେ ବେଳେ ୧୪ ବର୍ଷ ବୟସର ହୋଇଗଲା ଶିବଙ୍କ ବରଦାନ କଥା ସ୍ମରଣ କରି ମୃକୁଣ୍ଡି ଋଷି ଦୁଃଖରେ ଉଦାସ ହୋଇ ପଡ଼ିଲେ । ସ୍ୱାମୀଙ୍କ ଉଦାସ ଓ ନିରାଶ ଭାବ ଦେଖି ତାଙ୍କ ଧର୍ମପତ୍ନୀ ନିରାଶର କାରଣ ପଚାରିଲେ । ମୃକୁଣ୍ଡି ଋଷି ଶିବଙ୍କ ବରଦାନ ଓ ପୁତ୍ର ମାର୍କଣ୍ଡେୟଙ୍କ ପରମାୟୁ ସମ୍ପର୍କରେ ପତ୍ନୀଙ୍କୁ ଅବଗତ କଲେ । ଋଷିପତ୍ନୀ ମଧ୍ୟ ଦୁଃଖରେ ମ୍ରିୟମାଣ ହୋଇ ପଡିଲେ ତେବେ ଧୈର୍ଯ୍ୟ ହରା ନ ହୋଇ ପୁତ୍ର ମାର୍କଣ୍ଡେୟଙ୍କୁ ଶିବ ଆରାଧନା କରିବା ପାଇଁ କହିଲେ । ମାତାଙ୍କ ଉପଦେଶ କ୍ରମେ ବାଳକ ମାର୍କଣ୍ଡେୟ ଶିବ ଆରାଧନାରେ ମଗ୍ନ ହୋଇଗଲେ । ୧୬ ବର୍ଷ ପୂର୍ଣ୍ଣ ହେବା ମାତ୍ରେ ଅର୍ଥାତ୍ ମାର୍କଣ୍ଡେୟଙ୍କ ପରମାୟୁ ଶେଷ ହେବାରୁ ଯମଦୂତ ମାନେ ପ୍ରାଣ ନେବା ପାଇଁ ପହଞ୍ଚିଲେ । ସେତେବେଳେ ମାର୍କଣ୍ଡେୟ ଶିବ ଆରାଧନାରେ ନିମଗ୍ନ ଥିବାରୁ ଯମଦୂତ ମାନେ କର୍ତ୍ତବ୍ୟ ସମ୍ପାଦନାରେ ବିଫଳ ହୋଇ ଯମପୁର ଫେରିଗଲେ ଓ ଯମରାଜଙ୍କୁ ସମସ୍ତ ବିଷୟ ବର୍ଣ୍ଣନା କଲେ । ତାପରେ ଯମ ନିଜେ ମାର୍କଣ୍ଡେୟଙ୍କ ପ୍ରାଣ ନେବାପାଇଁ ଆସିଲେ । ସେତେବେଳେ ମାର୍କଣ୍ଡେୟ ଶିବ ଲିଙ୍ଗକୁ କୁଣ୍ଢାଇ ଧରି ଆରାଧନା ରେ ମଗ୍ନ ଥିଲେ । ଯମ ମାର୍କଣ୍ଡେୟଙ୍କ ଉପରେ ଯମପାଶ ନିକ୍ଷେପ କଲେ । ପାଶ ମାର୍କଣ୍ଡେୟ ସହିତ ଶିବଙ୍କୁ ମଧ୍ୟ ଆଘାତ କଲା । କ୍ରୋଧରେ ଶିବ ସ୍ୱୟଂ ସେଠାରେ ଆବିର୍ଭାବ ହୋଇ ଯମକୁ ତିରସ୍କାର କଲେ । ଯମ ହାତ ଯୋଡ଼ି ମାର୍କଣ୍ଡେୟଙ୍କ ପରମାୟୁ ଶେଷ ହୋଇଥିବାରୁ ପ୍ରାଣ ନେବାପାଇଁ ଆସିଛି ବୋଲି କହିବା ସହ ଯମପାଶ ନିକ୍ଷେପ ଦ୍ୱାରା ମାର୍କଣ୍ଡେୟ ଶିବ ଲିଙ୍ଗକୁ କୁଣ୍ଢାଇ ଧରିଥିବାରୁ ତାହା ଶିବଙ୍କୁ ମଧ୍ୟ ଆଘାତ କରିଥିବାରୁ କ୍ଷମା ପ୍ରାର୍ଥନା କଲେ । ଭଗବାନ ଶିବ ବିଧିର ବିଧାନକୁ ପରିବର୍ତ୍ତନ କରି ମାର୍କଣ୍ଡେୟକୁ ଅଳ୍ପାୟୁ ସ୍ଥାନରେ ଦୀର୍ଘାୟୁ ଲେଖିଦେଲେ । ଖାଲି ହାତରେ ଯମ ଫେରିଗଲେ ଯମପୁର । ଶିବଙ୍କ କୃପାରୁ ମାର୍କଣ୍ଡେୟ ଦୀର୍ଘାୟୁ ହେଲେ । ଏହି ବାଳକ ମାର୍କଣ୍ଡେୟ ବଡ ହୋଇ ଜଣେ ତେଜସ୍ୱୀ ଋଷି ହେଲେ । ଏହି ମାର୍କଣ୍ଡେୟ ଋଷି ମୃତ୍ୟୁଞ୍ଜୟ ମନ୍ତ୍ରର ରଚୟିତା ।

ମୃତ୍ୟୁଞ୍ଜୟ ମନ୍ତ୍ର ଏକ ଶକ୍ତିଶାଳୀ ମନ୍ତ୍ର ଯାହା ମୃତ୍ୟୁକୁ ମଧ୍ୟ ଜୟ କରିପାରେ । ସମସ୍ତ ପ୍ରକାର ଅପମୃତ୍ୟୁକୁ ରୋକିବାରେ ମୃତ୍ୟୁଞ୍ଜୟ ମନ୍ତ୍ର ଏକ ଅମୋଘ ଅସ୍ତ୍ର । ଶ୍ରଦ୍ଧା ଓ ଭକ୍ତି ସହିତ ମୃତ୍ୟୁଞ୍ଜୟ ମନ୍ତ୍ର ଜପକଲେ ମୃତ୍ୟୁ ସମ ଦୁଃଖରୁ ତ୍ରାହି ମିଳିଥାଏ । ଯେକୌଣସି ପ୍ରକାର ଅପମୃତ୍ୟୁକୁ ପ୍ରତିରୋଧ କରିଥାଏ ମୃତ୍ୟୁଞ୍ଜୟ ମନ୍ତ୍ର । ପ୍ରତିଦିନ ଶ୍ରଦ୍ଧା ପୂର୍ବକ ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରିବା ଦ୍ୱାରା ଜୀବନ ସୁରକ୍ଷିତ ଓ ନିରୋଗୀ, ସ୍ୱାସ୍ଥ୍ୟବାନ ହୋଇଥାଏ । ଦିନକୁ ଗୋଟିଏ ଥର ମାତ୍ର ମୃତ୍ୟୁଞ୍ଜୟ ମନ୍ତ୍ର ଉଚ୍ଚାରଣ କରିବା ଦ୍ୱାରା ୨୪ ଘଣ୍ଟା ଯାଏଁ ଏହି ମନ୍ତ୍ର ଶରୀରକୁ ସମସ୍ତ ପ୍ରକାର ଦୁର୍ଘଟଣା ଜନିତ ଅପମୃତ୍ୟୁରୁ ରକ୍ଷା କରିଥାଏ । ଯେକୌଣସି ରୋଗରେ ପୀଡିତ ହୋଇ ଭୋଗୁଥିବା ମୃତ୍ୟୁ ସମ ଯନ୍ତ୍ରଣାକୁ ଉପଶମ କରିଥାଏ ଓ ଅପମୃତ୍ୟୁକୁ ଦୂର କରେ । ପ୍ରତିଦିନ ମୃତ୍ୟୁଞ୍ଜୟ ମନ୍ତ୍ର ୧୦୮ ଥର ଜପ କଲେ ସୁଖରେ ଓ ଶାନ୍ତିରେ ପୂର୍ଣ୍ଣ ପରମାୟୁ ଭୋଗ କରି ପ୍ରାକୃତିକ ତଥା ସ୍ୱାଭାବିକ ମୃତ୍ୟୁ ଲାଭ କରି ମୋକ୍ଷ ପ୍ରାପ୍ତି ହୁଏ । ମୃତ୍ୟୁଞ୍ଜୟ ମନ୍ତ୍ରର ସ୍ରଷ୍ଟା ହେଉଛନ୍ତି ଋଷି ମାର୍କଣ୍ଡେୟ । ମୃତ୍ୟୁଞ୍ଜୟ ମନ୍ତ୍ର ଋଗବେଦ, ଯଜୁର୍ବେଦ ଓ ଅଥର୍ବ ବେଦରେ ଅଛି । ମୂଳତଃ ସର୍ବ ପ୍ରାଚୀନ ବେଦ ଋଗବେଦରୁ ମୃତ୍ୟୁଞ୍ଜୟ ମନ୍ତ୍ର ଅନ୍ୟ ଦୁଇ ବେଦକୁ ଆନିତ ହୋଇଛି । ମୃତ୍ୟୁଞ୍ଜୟ ମନ୍ତ୍ର ଋଗବେଦ (୭-୫୯-୧୨), ଯଜୁର୍ବେଦ(୩.୬୦) ଓ ଅଥର୍ବ ବେଦର(୧୪-୧-୧୭) ଅଧ୍ୟାୟ, ସର୍ଗ ଓ ମନ୍ତ୍ର ବା ଛନ୍ଦରେ ଅଛି ।

ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍‌ରୁଟ୍

ବିଟ୍‌ରେ କ୍ୟାଲସିୟମ୍, ମ୍ୟାଗ୍ନସିୟମ, 'ସ'ରସ, ପୋଟାସିୟମ ଏବଂ ସୋଡିୟମ୍ ଭରପୁର ମାତ୍ରାରେ ଥାଏ । ଏଥିରେ ଫୋଲିକ୍ ଏସିଡ ଏବଂ ଭିଟାମିନ୍ ସି'ର ପ୍ରଚୁର ସ୍ରୋତ ଥାଏ । ବିଟ୍ ପୌଷ୍ଟିକ ହେବା ଯୋଗୁଁ ଶରୀରରେ ଦୁର୍ବଳତା ଦୂର କରିଥାଏ, ରକ୍ତରୋଧକ ଏବଂ ବହୁ ରୋଗରେ ଏହି ବିଟ୍‌ଲାଭଦାୟକ ଅଟେ । ବିଟ୍‌କୁ ସାଲାଡ୍ ଭାବେ ଅଧିକ ମାତ୍ରାରେ ସେବନ କରାଯାଇପାରିବ । ବିଟ୍ ରସ ସହିତ ଗାଜର ରସ ସମାନ ଭାଗରେ ମିଶାଇ ପିଇବା ଦ୍ୱାରା ଶରୀରର ଶକ୍ତି ବଢ଼ିବା ସହିତ ମୋଟାପା ବଢ଼ି ନ ଥାଏ ଏବଂ ଅନାବଶ୍ୟକ ଚର୍ବିକୁ ମଧ୍ୟ କମ୍ କରିଥାଏ । ଯେଉଁ ମହିଳାମାନଙ୍କୁ ଋତୁସ୍ରାବ ଜନିତ ରୋଗରୁ କଷ୍ଟ ମିଳିଥାଏ, ସେମାନଙ୍କୁ ଅଧିକ ମାତ୍ରାରେ କଞ୍ଚା ବିଟ୍ ଖାଇବା ଦରକାର । ପ୍ରସବ ମହିଳା ମାନଙ୍କୁ ଏହା ବେଶ୍ ଲାଭପ୍ରଦ ଏହାକୁ ସେବନ କଲେ କ୍ଷୀର ଏବଂ ରକ୍ତ ବୃଦ୍ଧି କରିବାରେ ସାହାଯ୍ୟ କରେ । ବିଟ୍‌ରୁଟର ରସ ୧୦୦ ଗ୍ରାମରେ ୨୫ ଗ୍ରାମ୍ ସିର୍‌କା ମିଶାଇ ବାଳର ଅଗରେ କିମ୍ବା ଜଡ଼ରେ ଲଗାଇଲେ ଉକୁଣୀ ହୋଇ ନ ଥାଏ ଏବଂ ଝଡିଆ ମଧ୍ୟ କମିଯାଇଥାଏ । ଯକୃତ ରୋଗ ପାଇଁ ବିଟ୍‌ରୁଟ ରସ ଗାଜର ଏବଂ କାକୁଡିର ରସକୁ ମିଶାଇ ସକାଳ ଏବଂ ସନ୍ଧ୍ୟାରେ ପିଇବା ଦ୍ୱାରା ଲାଭପ୍ରଦ ଅଟେ ।

ଟିକିଏ ହସନ୍ତୁ

ବାପା ପୁଅକୁ: ତମ ସାର୍ ମତେ କହୁଥିଲେ ତୁ କାଳେ ୧୦ ଦିନ ହେଲାଣି ସ୍କୁଲ ଯାଉନୁ ?

ପୁଅ: ହଁ, ବାପା ସତ ଓ ମୁଁ ସ୍କୁଲ ଯାଉନି ।

ବାପା: ହେଲେ କାହିଁକି ?

ପୁଅ: ତମେ ପରା ଦିନେ କହିଥିଲ, ଗୋଟିଏ ଯାଗାକୁ ବାରମ୍ବାର ଗଲେ ଇଜ୍ଜତ କମିଯାଏ । ସେଥିପାଇଁ ମୁଁ ସ୍କୁଲ ଯିବା ବନ୍ଦ କରିଦେଇଛି ।

× × × ×

ରମେଶ ଗୋବିନ୍ଦକୁ: ଆରେ ଭାଇ ଆଜିକାଲି କ'ଣ କରୁଛୁ ?

ଗୋବିନ୍ଦ: ଖାଉଛି ।

ରମେଶ: କ'ଣ ଏକୁଟିଆ ଏକୁଟିଆ ?

ଗୋବିନ୍ଦ: ଆରେ ପ୍ରତିଦିନ ସ୍ତ୍ରୀର ଗାଳି ଖାଉଛି । ଯଦି ଇଚ୍ଛା ହେଉଛି, ଆସ୍ ତୁ ବି ଖାଇବୁ ।

× × × ×

ଚିଣ୍ଟୁ ତା' ବାପାଙ୍କ ସହ ଏକ ଫାଇଭ୍ ଷ୍ଟାର ହୋଟେଲକୁ ଯାଇଥାଏ ।

ୱେଟର: ସାର୍, କି'ଣ ଆଣିବି ?

ଚିଣ୍ଟୁର ବାପା: ଗୋଟେ ବିୟର ଓ ଗୋଟେ ଆଇସ୍କ୍ରିମ୍ ।

ଚିଷ୍ଟୁ: ବାପା ଆଇସ୍କ୍ରିମ୍ କାହିଁକି ? ତମେ ବି ତମ ପାଇଁ ଗୋଟେ ବିୟର ଅର୍ଡର କରୁନ ।

× × × ×

ଚିକୁ ରିଙ୍କୁକୁ: ତୁ ଖାଲି ପେଟରେ କେତୋଟି କଦଳୀ ଖାଇପାରିବୁ ?

ରିଙ୍କୁ: ମୁଁ ୮ଟା କଦଳୀ ଖାଇପାରିବି ।

ଚିକୁ: ଭୁଲ୍ କହିଲୁ । ଗୋଟେ ଖାଇପାରିବୁ ।

ରିଙ୍କୁ: କେମିତି ? ମୁଁ ଯେତେଟା ଖାଇପାରିବି ସେତେଟା ତ କହିଲି ।

ଚିକୁ କହିଲୁ ଦେଖି ଗୋଟେ କଦଳୀ ଖାଇବା ପରେ କ'ଣ ତୋ ପେଟ ଖାଲି ରହିବ ? ସେଥିପାଇଁ ତ ତୁ କେବଳ ଗୋଟେ ଖାଇପାରିବୁ ।

× × × ×

ଘର ବାହାରେ ଜଣେ ବାବା ଡାକୁଥାନ୍ତି କ'ଣ ଦାନ ଦିଅ ମା' ଭଗବାନ ତୁମର ମଙ୍ଗଳ କରିବେ ।

ଜଣେ ମହିଳା ହାତରେ ଫଳ ଧରି ଦାନ ଦେବାକୁ ଆସିଲେ । ଫଳ ଦେଖି ବାବାଙ୍କ ପାଟିରୁ ଲାଳ ବାହାରିଲା ।

ମହିଳା: ବାବା ତୁମ ପାଟିରୁ କ'ଣ ଲାଳ ବାହାରୁଛି ?

ବାବା : ଇଏ ତ କିଛି ନୁହେଁ ମା', ମୋ ପାଟିରୁ ତ ଗଙ୍ଗା ବାହାରେ ।

ମହିଳା: ବାବା ଟିକେ ଅପେକ୍ଷା କର ମୁଁ ଆସୁଛି । ମହିଳା ଜଣକ କିଛି ପାଉଁଶ ଆଣି ବାବାଙ୍କ ପାଟିରେ ପୂରାଇଦେଲେ ।

ବାବା: ଏ କ'ଣ କରୁଛ ?

ମହିଳା: ଏ ମୋ ଶାଶୁଙ୍କ ଅସ୍ଥି ପାଉଁଶ ।

ବାବା : ଏକଥା ଶୁଣି ପାଟିରୁ ପାଉଁଶ ସବୁ କାଢ଼ି ଦୌଡ଼ିବାକୁ ଲାଗିଲେ ।

× × × ×- - -

ଡାକ୍ତର: ମୁଁ ତୁମକୁ କିଛି ଔଷଧ ଦେବି, ଯାକୁ ଖାଇଲେ ତୁମେ ପୂରା ଠିକ୍ ହୋଇଯିବ ।

ରୋଗୀ: ଏ ଔଷଧ ତ ସବୁ ଦାମୀ ସାର୍, ମୁଁ ତ ଯାକୁ କିଣିପାରିବି ନାହିଁ ।

ଡାକ୍ତର: ତେବେ ତୁମେ ଟଙ୍କା ଛଡ଼ା ମୋତେ କ'ଣ ଦେଇପାରିବ ?

ରୋଗୀ: ସାର୍ ମୁଁ କବର ଖୋଳିବା କାମ କରେ, ଆପଣଙ୍କ କବର ଫ୍ରିରେ ଖୋଳି ଦେଇପାରିବି ।

ଆଳୁର ଉପକାରିତା

ଆଳୁ ସାଧାରଣତଃ ମାଟି ତଳେ ଫଳୁଥିବା ଏକ ପରିବା । ପ୍ରାୟ ସବୁ ତରକାରୀ ଶାଗରେ ପକାଯାଉଥିବା ଆଳୁରେ ବହୁ ଭିଟାମିନ୍‌ଓ ପୋଷକ ତତ୍ତ୍ୱ ରହିଥିଲେ ବି ଏହାକୁ ଅଧିକ ମାତ୍ରାରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ । ଆଳୁ ବିଭିନ୍ନ ପ୍ରକାର ରହିଛି । ରସେଟ ଆଳୁ, ଲାଲ୍ ଆଳୁ, ଧଳା, ହଳଦୀ ଓ ବାଇଗଣୀ ଆଳୁ । ଛୋଟ, ମଧମ ଓ ବଡ଼ ଆକାରର ହୋଇଥାଏ ଓ ଏହାର ରଙ୍ଗ ଧୂସର ହୋଇଥାଏ । ଏହା ଖୁବ୍ ସ୍ୱାଦିଷ୍ଟ ଓ ତରକାରୀ କରିବା ଲାଗି ଏହାକୁ ଅଧିକ ଉପଯୋଗ କରାଯାଇଥାଏ ।

ଏହି ଆଳୁ ସାଧାରଣ ପ୍ରକାରର । ଏହା ଛୋଟରୁ ମଧମ ଓ ବଡ଼ ଆକାରର ହୋଇଥାଏ ଏହା ରଙ୍ଗ ଧୂସର । ଏହା ଅନ୍ୟ ଆଳୁଠାରୁ ସ୍ୱାଦିଷ୍ଟ ଓ ଏହି ଆଳୁକୁ ପ୍ରାୟ ଖାଦ୍ୟରେ ଆମେ ବ୍ୟବହାର କରିଥାଉ ।

ଆଳୁର ଗଣତି ଏକ ସ୍ୱାଦିଷ୍ଟ ଓ ପୌଷ୍ଟିକ ଖାଦ୍ୟ ପଦାର୍ଥରେ କରାଯାଇଥାଏ । ଆଳୁ କେବଳ ଏକ ପାଟି ସୁଆଦିଆ ଖାଦ୍ୟ ତାହା ନୁହେଁ ବରଂ ଏଥିରେ ଫାଇବର ଓ ପୋଟାସିୟମ ଭରପୁର ମାତ୍ରାରେ ରହିଛି । କବ୍‌ଜ ସମସ୍ୟା ଦୂର କରିବାରେ ଏହା ସହାୟକ ହୋଇଥାଏ ।

ହୃଦୟ ଲାଗି : ହୃଦୟକୁ ସୁସ୍ଥ ରଖିବା ପାଇଁ ଆଳୁ ଖୁବ୍ ଉପଯୋଗୀ । ଏହା କୋଲେଷ୍ଟୋରଲ ମୁକ୍ତ କରିଥାଏ । ଏଥିପାଇଁ ଆଳୁ ହୃଦୟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏକ ରିପୋର୍ଟ ଅନୁସାରେ ଆଳୁ ଶରୀରରେ କୋଲେଷ୍ଟେରଲ ସ୍ତରକୁ କମ୍ କରି ହୃଦୟକୁ ପୂର୍ଣ୍ଣ ରୂପରେ ପ୍ରଭାବିତ କରିଥାଏ ।

ରକ୍ତଚାପ : ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଆଳୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏଥିରେ ଥିବା ପୋଟାସିୟମ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏଥି ସହିତ ଆଳୁରେ ଥିବା ଫାଇବର ହାଇପରଟେନସନ ପ୍ରଭାବକୁ କମ୍ କରିଥାଏ ।

ଆଳୁରେ ପ୍ରଚୁର ପରିମାଣର ମ୍ୟାଗ୍ନେସିୟମ ରହିଛି ଯାହା ଅସ୍ଥି ପାଇଁ ଜରୁରୀ ପୋଷକ ତତ୍ତ୍ୱ ଯୋଗାଇଥାଏ । ରିପୋର୍ଟ ଅନୁସାରେ ମ୍ୟାଗ୍ନେସିୟମ୍ ଅସ୍ଥିର ସଂରଚନାତ୍ମକ ବିକାଶରେ ସହାୟକ କରିଥାଏ ।

ଆଳୁକୁ ଭିଟାମିନ୍‌ସି'ର ମୁଖ୍ୟ ସ୍ରୋତ ଭାବେ ଗ୍ରହଣ କରାଯାଇଥାଏ । ଏହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ । ଆଳୁ କ୍ୟାନସରରୁ ସୁରକ୍ଷା ଦେଇଥାଏ । ବୈଜ୍ଞାନିକ ରିପୋର୍ଟ ଅନୁସାରେ କ୍ୟାନସର ଥେରାପି ଲାଗି ଭିଟାମିନ୍ ସି'ର ବ୍ୟବହାର କରାଯାଇଥାଏ ।

ପାଚନ : ପାଚନ ତନ୍ତ୍ରକୁ ସୁସ୍ଥ ରଖିବା ପାଇଁ ଆଳୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଯେପରି ଆମେ ପୂର୍ବରୁ କହିଛୁ ଯେ, ଆଳୁ ଫାଇବରରେ ସମୃଦ୍ଧ ହୋଇଥାଏ । ଏହା ପେଟର ଯାବତୀୟ ସମସ୍ୟା ଦୂର କରିଥାଏ । ଫାଇବର ଏକ ଜରୁରୀ ପୌଷ୍ଟିକ ତତ୍ତ୍ୱ, ଯାହା ପାଚନ ତନ୍ତ୍ରକୁ ବଢ଼ାଇ ଦେଇଥାଏ ଓ କବ୍‌ଜ ଭଳି ସମସ୍ୟା ଦୂର କରିବା କାମ କରିଥାଏ ।

ସୁଖ ନିଦ୍ରା : ଆଳୁ ଖାଇବା ଫଳରେ ଠିକ୍ ଭାବରେ ନିଦ ହୋଇଥାଏ । ଆଳୁରେ ଭିଟାମିନ୍ ସି'ରେ ସମୃଦ୍ଧ ରହିଥାଏ । ଏହି ଭିଟାମିନ୍ ସି' ନ୍ୟୁରୋଟ୍ରାନ୍ସମିଟରର ଉତ୍ପାଦନ କରିଥାଏ । ନ୍ୟୁରୋଟ୍ରାନ୍ସମିଟର ମସ୍ତିଷ୍କର କାର୍ଯ୍ୟପ୍ରଣାଳୀରେ ସୁଧାର କରି ମୁଡ ଠିକ୍ ରଖିଥାଏ ଓ ନିଦ ହୋଇଥାଏ ।

ଗୁଣକାରୀ ଅଙ୍ଗୁର

ସମସ୍ତ ଫଳ ମାନଙ୍କ ମଧ୍ୟରେ ଅଙ୍ଗୁରକୁ ସର୍ବୋତ୍ତମ କୁହାଯାଇଛି । ଏହା ନିର୍ବଳ ସବଳ, ସ୍ୱାସ୍ଥ୍ୟ ଓ ଅସ୍ୱାସ୍ଥ୍ୟ ଇତ୍ୟାଦି ସମସ୍ତଙ୍କ ପାଇଁ ସମାନ ଉପଯୋଗୀ ଅଟେ । ବହୁତ ଗୁଡାଏ ରୋଗ ଅଛି ଯେଉଁଥି ପାଇଁ ଅନେକ ଜିନିଷକୁ ଖାଇବା ପାଇଁ ଦିଆଯାଇ ନ ଥାଏ । ଏହି ରୋଗ ଗୁଡିକରେ ଅଙ୍ଗୁରକୁ ଖାଇବାକୁ ଦିଆଯାଇ ପାରିବ ।

ଅଙ୍ଗୁରରେ ଜଳ, ସର୍କରା, ସୋଡିୟମ, ପୋଟାସିୟମ, ସାଇଟ୍ରିକ୍ ଏସିଡ୍, ଫ୍ଲୋରାଇଡ୍, ପୋଟାସିୟମ୍ ସଲଫେଟ, ମ୍ୟାଗ୍ନେସିୟମ ଏବଂ ଲୌହ ତତ୍ତ୍ୱ ଭରପୁର ମାତ୍ରାରେ ଥାଏ । ଅଙ୍ଗୁର ହୃଦଜନିତ ଦୁର୍ବଳତାକୁ ଦୂର କରିବାରେ ବହୁତ ଗୁଣକାରୀ ଅଟେ । ହୃଦରୋଗୀ ମାନଙ୍କୁ ନିୟମିତ ଅଙ୍ଗୁର ଖାଇବା ଦରକାର । ଅଙ୍ଗୁର ସେବନ ଦ୍ୱାରା ଫୁସଫୁସ୍‌ରେ ଜମା ହୋଇଥିବା କଫ ବାହାରି ଯାଇଥାଏ ଏବଂ କାଶରେ ମଧ ଆରାମ ମିଳିଥାଏ । ଅଙ୍ଗୁର ଅସ୍ୱସ୍ଥି, ମୁଣ୍ଡ ବୁଲେଇବା ଏପରି ଆସୁଥିବା ବେମାରିରେ ମଧ ଲାଭଦାୟକ ଅଟେ ।

ପାଚିଲା ଅଙ୍ଗୁର ଆଖି ପାଇଁ ହିତକର ହୋଇଥାଏ । ଅଙ୍ଗୁର ବୀର୍ଯ୍ୟବର୍ଦ୍ଧକ, ରକ୍ତକୁ ସଫା କରିବାରେ, ରକ୍ତ ବଢ଼ାଇବାରେ ସାହାଯ୍ୟ କରିଥାଏ । ଶ୍ୱାସରୋଗ ଏବଂ ବାୟୁଜନିତ ରୋଗରେ ଅଙ୍ଗୁରର ପ୍ରୟୋଗ ହିତକର ଅଟେ । ଅଙ୍ଗୁର ରସ ଅମୃତତୁଲ୍ୟ ଅଟେ । ଶରୀରର କିଛି ଭାଗରେ ରକ୍ତ ବୋହୁଥିଲେ ଅଙ୍ଗୁର ରସରେ ଦୁଇ ଚାମୁଚ ମହୁ ମିଶାଇ ପିଇଲେ ରକ୍ତହୀନତାକୁ ଦୁର କରାଯାଇ ପାରିବ । ଅଙ୍ଗୁର ପେନ୍ଥା ଗ୍ଲୁକୋଜର ଶର୍କରାକୁ ବୃଦ୍ଧି କରିଥାଏ । ଏଥିରେ ଭିଟାମିନ୍ ଏ ପର୍ଯ୍ୟାପ୍ତ ମାତ୍ରାରେ ଥିବା ଯୋଗୁଁ ଭୋକ ବଢ଼ାଇଥାଏ । ପାଚନଶକ୍ତିକୁ ସଠିକ୍ ରଖିଥାଏ । ଆଖି ବାଳ ଏବଂ ଚର୍ମକୁ ଉଜ୍ଜ୍ୱଳତା ରଖିଥାଏ ।

ହାଡ଼କୁ ସବଳ କରେ ଦହି

ଓଷ୍ଟିଓପୋରୋସିସ୍ କ୍ରୋନିକ୍ ହେଲେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥାଏ । ଏହା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନ୍ ଡେନସିଟିରେ ପ୍ରଭାବ ପକାଇଥାଏ । ପ୍ରତ୍ୟେକ ଭାରତୀୟଙ୍କ ଘରେ ଦହି ଏକ ସାଧାରଣ ଖାଦ୍ୟ । ଏହା କ୍ୟାଲସିୟମର ଏକ ଉଚ୍ଚମାନର ସ୍ରୋତ । ଏଥି ସହିତ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଓ ପାଚନ କ୍ରିୟାରେ ମଧ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥାଏ । କିନ୍ତୁ ବୟସ୍କ ଲୋକଙ୍କ ଠାରେ ଏହା ଓଷ୍ଟିଓପୋରୋସିସ୍ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ବୋଲି ଏକ ନୂତନ ରିସର୍ଚ୍ଚରୁ ଜଣାପଡିଛି । ଆୟାର୍ଲାଣ୍ଡ ଡବଲଇନର ଟ୍ରିନିଟି କଲେଜ୍ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନର ଘନତ୍ୱ ବଢ଼ିଥାଏ । ହାଡ଼ର ଶକ୍ତି କମିଗଲେ ଓଷ୍ଟିଓପୋରୋସିସ୍ ରୋଗ ହୋଇଥାଏ । ୩୦ ବର୍ଷ ପରେ କ୍ୟାଲସିୟମ୍ ଶରୀରରୁ ହ୍ରାସ ପାଇବା ଆରମ୍ଭ ହୋଇଥାଏ । ଏହି ସର୍ବେକ୍ଷଣରୁ ଜଣାପଡିଛି ମହିଳାମାନେ ଖାଦ୍ୟରେ ଦହି ପରିମାଣ ଏକ ୟୁନିଟ୍ ବୃଦ୍ଧି କଲେ ଓଷ୍ଟଇଓପୋନିଆ ସ୍ଥିତି ଆଶଙ୍କା ୩୦ ପ୍ରତିଶତ ହ୍ରାସ ପାଇବା ସହ ଓଷ୍ଟିଓପୋରୋସିସ୍ ଆଶଙ୍କା ୩୯ ପ୍ରତିଶତ ହ୍ରାସ ପାଇଥାଏ । ଆଉ ପୁରୁଷମାନଙ୍କ କ୍ଷେତ୍ରରେ ଓଷ୍ଟିଓପୋରୋସିସ୍ ଆଶଙ୍କା ୫୨ ପ୍ରତିଶତ ହ୍ରାସ ପାଇଥାଏ ।

ସ୍ୱାସ୍ଥ୍ୟ ପାଇଁ ହିତକାରୀ ସିମ୍‌ଲା ମରିଚ

ମରିଚ ପ୍ରଜାତିରେ ସିମଲା ମରିଚ ଅନ୍ୟତମ ଅଟେ । ଯାହାର ପ୍ରୟୋଗ ସାଲାଡ, ତରକାରୀ ରୂପେ ବ୍ୟବହାର କରାଯାଇ ପାରିବ । ଏହାକୁ ଇଂରାଜୀରେ କ୍ୟାପ୍‌ସିକମ୍ ବୋଲି କୁହାଯାଏ । ବଜାରରେ ବିଭିନ୍ନ ପ୍ରକାରର କ୍ୟାପ୍ସିକମ୍ ସାଧାରଣତଃ ମିଳେ । ଏହି ମରିଚ ଯେଉଁ ରଙ୍ଗର ଥାଉ ନା କାହିଁକି ଏଥିରେ ଭିଟାମିନ୍ ସି, ଭିଟାମିନ୍-ଏ ଏବଂ ବିଟା କିରୋଟିନ ଭରପୁର ମାତ୍ରାରେ ଥାଏ । ଏଥିରେ କୌଣସି କ୍ୟାଲୋରୀ ନ ଥାଏ ଏଥିପାଇଁ ଏହା ଖରାପ କଲେଷ୍ଟରାଲକୁ ବଢ଼ାଇ ନ ଥାଏ । ସିମଲା ମରିଚରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ, ଭିଟାମିନ୍-ସି, ଆଣ୍ଟିଅକ୍ସିଡାଣ୍ଟ, ମିନେରାଲ୍ସ ଏବଂ ଫାଇବର ଭରପୁର ମାତ୍ରାରେ ଥାଏ ।

ଲାଲ୍ ଏବଂ ସବୁଜ ସିମଲା ମରିଚରେ ଭିଟାମିନ୍ ସି ର ମାତ୍ରା ପ୍ରଚୁର ଭାବରେ ଥାଏ । ସାଲାଡ ପ୍ରସ୍ତୁତ ସମୟରେ ଏହାକୁ ବ୍ୟବହାର କରାଯାଇ ପାରିବ ।

ସିମଳା ମରିଚ ଆମ ସ୍ୱାସ୍ଥ୍ୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏଥିରେ ଥିବା କେପସାଇସିନ୍, ମେରୁଦଣ୍ଡ ଯନ୍ତ୍ରଣା ପାଇଁ ବିଶେଷ ଲାଭକାରୀ ଅଟେ ।

ସିମଳା ମରିଚ ଭିଟାମିନ୍ ସି ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୁର ମାତ୍ରାରେ ଥିବା ଯୋଗୁଁ ଆମ ଚେହେରାରେ ସତେଜ ଆଣିଥାଏ । ଶରୀରର ସବୁ ଅଙ୍ଗ ପ୍ରତ୍ୟଙ୍ଗ ପାଇଁ ଏହା ଲାଭଦାୟକ ଏବଂ ଏହାକୁ ସେବନ ପ୍ରତିଦିନ କଲେ ହାଡ଼ ଗୁଡିକ ମଜଭୁତ ରହିଥାଏ ।

ଆପଣ ଜାଣନ୍ତି କି ?

- ଗୋଲାପର ଜନ୍ମ ପଞ୍ଚତିରିଶ ନିୟୁତ ବର୍ଷ ପୁରୁଣା । ପାଞ୍ଚ ହଜାର ବର୍ଷ ପୂର୍ବେ ଚାଇନାରେ ପ୍ରଥମେ ଗୋଲାପର ଉଦ୍ୟାନ କୃଷି ଆରମ୍ଭ ହୋଇଥିଲା । ଗୋଲାପ ପ୍ରଜାତି ସଂଖ୍ୟା ଦେଢ଼ ଶହରୁ ଅଧିକ ।
- 'ଜୁଲିଏଟ୍ ରୋଜ୍' ବିଶ୍ୱର ସବୁଠାରୁ ମହଙ୍ଗା ଗୋଲାପ । ଇଂଲଣ୍ଡର ଡେଭିଡ୍ ଅଷ୍ଟିନ୍ ୨୦୦୬ ରେ ଏହା ବିକଶିତ କରାଇଥିଲେ । ଏଥି ପାଇଁ ପନ୍ଦର ବର୍ଷ ସମୟ ଏବଂ ତେତିଶ କୋଟି ଟଙ୍କା ବ୍ୟୟ ହୋଇଥିଲା ।
- ଗୋଲାପ ବୃକ୍ଷ ଉଚ୍ଚତାରେ ସାତ ମିଟର ପର୍ଯ୍ୟନ୍ତ ବଢ଼ିପାରେ । ଆମେରିକାର ଟମୁଷ୍ଟନ୍ ସହରରେ ଥିବା 'ଲେଡି ବେଙ୍କସ୍ ରୋଜ' ପ୍ରଜାତିର ଗୋଲାପ ବୁଦା ବିଶ୍ୱର ସବୁଠାରୁ ବଡ଼ । ଏହାର ଗଣ୍ଡି ସାଢ଼େ ତିନି ମିଟର୍, ଆଠ ଶହ ମିଟର ଅଞ୍ଚଳରେ ପରିବ୍ୟାପ୍ତ, ଫୁଲ ସଂଖ୍ୟା ପ୍ରାୟ ଦୁଇ ଲକ୍ଷ ।
- ଜର୍ମାନିର ଏକ ଗିର୍ଜା କାନ୍ଥରେ ଥିବା ଗୋଲାପ ବୃକ୍ଷ ହଜାରେ ବର୍ଷ ପ୍ରାଚୀନ ।
- ତୁର୍କିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କଳା ଗୋଲାପ ଦେଖିବାକୁ ମିଳେ ।
- ଗୋଲାପ ଭିଟାମିନ୍ 'ସି'ରେ ସମୃଦ୍ଧ । ସାଲାଡ୍, କେକ୍, ଜେଲି, ଜାମ୍, ଚକଲେଟ୍ ଆଦି ପ୍ରସ୍ତୁତିରେ ଗୋଲାପ ପାଖୁଡା ବ୍ୟବହାର କରାଯାଏ ।
- ସବୁ ଗୋଲାପ ପାଞ୍ଚ ପାଖୁଡା ହୋଇଥିବା ବେଳେ 'ରୋଜା ସେରିସିଆ' ପ୍ରଜାତିର ଗୋଲାପ ଚାରି ପାଖୁଡା ବିଶିଷ୍ଟ । ଏହା ହିମାଳୟ ଏବଂ ଏହାର ଆଖପାଖ ଇଲାକାରେ ବଢ଼େ ।
- ପ୍ରେମ, ପ୍ରଣୟ, ଅନୁରାଗ ଅଭିଳାଷ, ସୌନ୍ଦର୍ଯ୍ୟ ଓ ଶାନ୍ତିର ପ୍ରତୀକ ଗୋଲାପ ।

କହିପାରିବେ କି ?

୧) ବିଶ୍ୱ ଜଳ ଦିବସ କେବେ ପାଳନ କରାଯାଏ ?

(୨) ୨୦୧୨ରେ ମେରିଲ ଷ୍ଟ୍ରିପଙ୍କୁ ଏକାଡେମୀ ପୁରସ୍କାର ମିଳିଥିଲା । ସେ କ'ଣ ପାଇଁ ପ୍ରସିଦ୍ଧ ?

(୩) ବ୍ରିଟିଶ ଶାସନାଧୀନ ଭାରତର କେଉଁ ଭାଇସରୟ 'ପ୍ରୋବ୍ଲେମ୍ସ ଅଫ୍ ଦ ଇଷ୍ଟ' ପୁସ୍ତକ ଲେଖିଥିଲେ ?

(୪) ମହମ୍ମଦ ଅଲ୍ଲୀ ଜିନ୍ନା ହିନ୍ଦୁ -ମୁସଲିମ ଏକତ୍ୱର ବାର୍ତ୍ତାବହ ଥିଲେ ବୋଲି ଏମାନଙ୍କ ମଧ୍ୟରୁ କିଏ କହିଥିଲେ ?

(୫) ଲୋକସଭା ବାଚସ୍ପତି ଏମାନଙ୍କ ମଧ୍ୟରୁ କାହାକୁ ନିଯୁକ୍ତ କରନ୍ତି ?

(୬) ସଂସଦର ସଦସ୍ୟ ହୋଇ ନ ଥିଲେ ମଧ କାହାର ଗୃହର କାର୍ଯ୍ୟପ୍ରକ୍ରିୟାରେ ଭାଗ ନେବାର ଅଧିକାର ରହିଛି ?

(୭) ଲୋକ୍‌ତକ ହ୍ରଦ କେଉଁଠାରେ ରହିଛି ?

(୮) ଷ୍ଟେଥୋସ୍କୋପ୍ କିଏ ଉଦ୍ଭାବନ କରିଥିଲେ ?

(୯) ଭାରତର ରାଜଧାନୀ କେଉଁଠାରେ ଅଛି ?

(୧୦) ଲକ୍ଷ୍ମୀଙ୍କ ବାହନ କିଏ ?

JUMBLE WORDS

1) LIYMK	=	6) FROEF	=
2) OCNUE	=	7) CUVAMU	=
3) BPRAUT	=	8) SKURNH	=
4) SYRAGS	=	9) SERTC	=
5) BEALF	=	10) CKNKA	=

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-

୧.ମଲ୍‌ଟିପ୍ରୋସେସର, ୨. ସୋଭିଏତ୍ ୟୁନିଅନ୍, ୩. ୧୯୬୯, ୪.ଜର୍ଜ ଅରୱେଲ, ୫.ଜାନୁୟାରୀ ୨୫, ୬. ମହିଳା ଫଟୋ ଜର୍ଣ୍ଣାଲିଷ୍ଟ, ୭. ଅମିର ଖୁସ୍ରୋ, ୮. ୨୪, ୯.ନବମ, ୧୦. କୃଷ୍ଣ ।

Jumble Words ର ଉତ୍ତର :-

(1) OUTING (2) LONELY (3) EXUDE (4) FLOSS (5) LOTION (6) CANNED (7) GLADE (8) PRONG (9) CASHEW (10) EYEFUL.

ସମ୍ବଲପୁର ଆର୍‌ଡିସି ଅଫିସ୍‌ରେ ଅଚଳାବସ୍ଥା

ସମ୍ବଲପୁର : ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ୍ ଆୟୁକ୍ତ(ଆର୍‌ଡିସି) କାର୍ଯ୍ୟାଳୟରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇଛି । ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ ଓ ଯୁବସେବା ବିଭାଗର କମିସନର ତଥା ସଚିବ ଭାବେ ବଦଳି କରାଯାଇଥିବା ବେଳେ ଏଠାକାର (ରାଜସ୍ୱ ଡିଭିଜନ) ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ରାଜ୍ୟ ସରକାର ଆର୍‌ଡିସି ଭଳି ଗୁରୁଦାୟିତ୍ୱ କାହାକୁ ଦେବେ, ତାହା ଭରସା କରିପାରୁ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି । ସମ୍ବଲପୁର ରାଜସ୍ୱ ଡିଭିଜନ୍ ଅଧୀନରେ ଆଗରୁ ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ସୁନ୍ଦରଗଡ଼ ୧୦ଟି ଜିଲ୍ଲା ରହିଥିଲା । ଗତ ୨୦୨୩ ମସିହାରେ ପୁଣି ବୌଦ୍ଧ ଓ ନୂଆପଡ଼ା ଜିଲ୍ଲା ଏହି ରାଜସ୍ୱ ଡିଭିଜନ୍‌ରେ ମିଶିବା ପରେ ଜିଲ୍ଲା ସଂଖ୍ୟା ୧୨ରେ ପହଞ୍ଚିଛି । ଏତେ ବିଶାଳ ଅଞ୍ଚଳର ଲୋକେ ନିର୍ଭର କରୁଥିବା ରାଜସ୍ୱ ଡିଭିଜନ୍ ପ୍ରତି ରାଜ୍ୟ ସରକାର ସବୁବେଳେ ଅବହେଳା କରିଆସୁଛନ୍ତି । ଗତ ଫେବୁଆରି ୨୦୨୪ ମସିହାରେ ସମ୍ବଲପୁର ଆର୍‌ଡିସି ଭାବେ ଯୋଗଦେଇଥିବା ଶ୍ରୀକାନ୍ତ ପୃଷ୍ଟି ୩୦ ଜୁନ୍ ୨୦୨୪ରେ ଚାକିରିରୁ ଅବସର ନେବା ପରେ ଅନେକ ଦିନ ପର୍ଯ୍ୟନ୍ତ ଏହି ପଦ ଖାଲି ପଡ଼ିବା ପରେ ସଚିନ ରାମଚନ୍ଦ୍ର ଯାଦବଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେ ଏଠାରେ ପ୍ରାୟ ୧୧ ମାସ କାମ କରିବା ପରେ ତାଙ୍କୁ ରାଜଧାନୀ ନିଆଯାଇଛି । ଶ୍ରୀ ଯାଦବ ଆରଡିସିଙ୍କ ସାଂଗକୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସିଇଓ ଦାୟିତ୍ୱରେ ମଧ୍ୟ ରହିଛନ୍ତି । ବିକାଶ ପରିଷଦର ମୁଖ୍ୟାଳୟ ରାଜଧାନୀରେ ଥିବାରୁ ସେ ବଦଳି ପରେ ରାଜଧାନୀରେ ଅବସ୍ଥାନ କରୁଛନ୍ତି । ଏଭଳି ସ୍ଥିତିରେ ଆର୍‌ଡିସିକୁ ଭେଟିବା ପାଇଁ ସମ୍ବଲପୁର ଆସୁଥିବା ବିଭିନ୍ନ ଜିଲ୍ଲାର ଲୋକଙ୍କୁ ନିରାଶ ହେବାକୁ ପଡୁଛି । ଅନ୍ୟ ପଟେ କର୍ମଚାରୀମାନଙ୍କର ବିବ୍ୟକ୍ତିଗତ ଜରୁରୀ ଆର୍ଥିକ ଦାବି/ ଅଭିଯୋଗ ସଂପର୍କିତ ଫାଇସଲା ପାଇଁ ବିଳମ୍ବ ହେଉଛି ।

ସୂଚନାଯୋଗ୍ୟ ଯେ, ଗତ ୨୦ ଜୁଲାଇ ୨୦୧୭ରେ ସମ୍ବଲପୁର ଆରଡିସି ଭାବେ ଯୋଗଦେଇଥିବା ଡି.ଭି. ସ୍ୱାମୀ ଗତ ୭ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ଏଠାରେ ଦକ୍ଷତାର ସହିତ କାର୍ଯ୍ୟ ତୁଲାଇଥିଲେ । ତେବେ, ତାଙ୍କ ଅନ୍ୟତ୍ର ବଦଳି ପରେ ବ୍ରହ୍ମପୁର ରାଜସ୍ୱ ଜୋନ୍ ଦାୟିତ୍ୱରେ ଥିବା ଟି.ଆଓଙ୍କ ଉପରେ ସମ୍ବଲପୁରର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଗଲା । ପରିଶେଷରେ ୫ ଜାନୁଆରି ୨୦୨୦ରେ ସ୍ଥାୟୀ ଆର୍‌ଡିସି ଭାବେ ନିଯୁକ୍ତି ପାଇଥିବା ନିରଂଜନ ସାହୁ ୩୧ ଜାନୁଆରି ୨୦୨୧ରେ ଚାକିରିରୁ ଅବସର ନେଇଥିଲେ । ଶ୍ରୀ ସାହୁଙ୍କ ଅବସର ପରେ ପୁଣି ସେହି ଅବସ୍ଥା ସୃଷ୍ଟି ହୋଇଥିଲା । କଟକ ଆର୍‌ଡିସି ଅନିଲ ସାମଲକୁ ସମ୍ବଲପୁରର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ଶ୍ରୀ ସାମଲଙ୍କ ଅବସର ପରେ ସମ୍ବଲପୁର ଆରଡିସିଙ୍କ ସଚିବ ଭିପିକେ ଏକ୍କା ଗତ ୧ ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ କାମଚଳା ଆର୍‌ଡିସି ଭାବେ ଦାୟିତ୍ୱ ତୁଳାଇଥିଲେ । ୧୭ ଅକ୍ଟୋବର ୨୦୨୧ରେ ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ ସମ୍ବଲପୁର ଆର୍‌ଡିସି ଭାବେ ଯୋଗ ଦେଇଥିଲେ ବି କିଛି ମାସ ପରେ ସେ କଟକ ଆର୍‌ଡିସି ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ । ଫଳରେ ସେ ବି ଅଧିକାଂଶ ସମୟ କଟକରେ ଅବସ୍ଥାନ କରୁଥିଲେ । ଜାନୁଆରି ୨୦୨୪ରେ ଡକ୍ଟର ଦଳେଇଙ୍କ ଅବସର ପରେ ମାତ୍ର ୬ ମାସ ପାଇଁ ଶ୍ରୀକାନ୍ତ ପୃଷ୍ଟି ଆସିଥିଲେ । ନିଯୁକ୍ତି ନଦେଇ ଶ୍ରୀ ଯାଦବଙ୍କୁ କ୍ରୀଡ଼ା, ଯୁବସେବା ପାଇଁ କମିସନର ତଥା ସଚିବ ଭାବେ ରାଜଧାନୀକୁ ନିଆଯିବା ପରେ ପୁଣି ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି ।

ଐତିହାସିକ ଡକ୍ଟର ସଦାନନ୍ଦ ଅଗ୍ରୱାଲଙ୍କ ଶ୍ରାଦ୍ଧ ଦିବସ

ସୋନପୁର: ଓଡିଶାର ସାହିତ୍ୟ, ସଂସ୍କୃତି ଓ ଐତିହାସିକ ଗବେଷଣାରେ ସ୍ୱର୍ଗତ ଡକ୍ଟର ସଦାନନ୍ଦ ଅଗ୍ରୱାଲଙ୍କ ଅଷ୍ଟମ ଶ୍ରାଦ୍ଧ ଦିବସ ତରଭା ବ୍ଲକ ମେଣ୍ଡା ମହର୍ଷି ବୁଦ୍ଧରାମ ଡିଗ୍ରୀ ମହାବିଦ୍ୟାଳୟ ଗୋବିନ୍ଦ ବିହାରଠାରେ ଆୟୋଜିତ ହୋଇଯାଇଛି । ଏଥିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ମୁଖ୍ୟଅତିଥି, ବିଶିଷ୍ଟ ବାନ୍ଧଶିଳ୍ପୀ ପଦ୍ମଶ୍ରୀ ଡକ୍ଟର ଚତୁର୍ଭୁଜ ମେହେର ଉଦଘାଟକ ଓ ସୁବର୍ଣ୍ଣପୁର ଏସ୍.ପି ନାରାୟଣ ନାୟକ, ରୋଟାରିଆନ ବିଷ୍ଣୁପ୍ରସାଦ କେଡିଆ ସମ୍ମାନିତ ଅତିଥି ଓ କୁଟୁମଡୋଲା କଲେଜର ପ୍ରଧାପକ ଡକ୍ଟର ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ସିଦ୍ଧାର୍ଥ ଅଗ୍ରୱାଲ ଅତିଥି ପରିଚୟ ସହିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଭୀମସାର ବୁର୍ଲାର ସ୍ତ୍ରୀ ଓ ପ୍ରସୂତୀବିଭାଗର ବିଶେଷଜ୍ଞ ପ୍ରଫେସର ଡାକ୍ତର ବେଣୁଧର ପାଣ୍ଡେଙ୍କୁ 'ଡକ୍ଟର ସଦାନନ୍ଦ ଅଗ୍ରୱାଲ ସ୍ମୃତିସମ୍ମାନ' ପ୍ରଦାନ କରାଯାଇଥିଲା । ଖଲିଆପାଲି ଭୀମଭୋଇ ସମାଧି ପୀଠର ମଠାଧୀଶ ସନ୍ୟାସୀ ବାବା, ମେଣ୍ଡାର ବରିଷ୍ଠ ନାଗରିକ ଶମ୍ଭୁଭୁଷଣ ପର୍ଡ଼ିଆ, ସନ୍ତୋଷ ଦାସ, ନାରାୟଣ ଝାଙ୍କର, ପଥରଚେପା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କ୍ଷମାନିଧୀ ଝାଙ୍କର ପ୍ରମୁଖ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିଥିଲେ । ଧରେନ୍ଦ୍ର ଝାଙ୍କର ମାନପତ୍ର ପଠନ କରିଥିବା ବେଳେ କଲେଜର ଇଂରାଜୀ ଅଧାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରତିଶ୍ରୁତି ପରେ ବି ଚିହ୍ନଟ ହେଲାନି ଜମି

ସମ୍ବଲପୁର : ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପାଇଁ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ଜମି ଚିହ୍ନଟ ହୋଇ ପାରିଲା ନାହିଁ । ଫଳରେ ନୂତନ ଶିକ୍ଷାବର୍ଷ ଆରମ୍ଭ ପରେ ମଧ୍ୟ ପଢ଼ିବା ପାଇଁ ଶ୍ରେଣୀ କୋଠରି ଅଭାବର ଯେଉଁ ସମସ୍ୟା ପୂର୍ବରୁ ଥିଲା ବର୍ତ୍ତମାନ ବି ରହିଛି । ଜିଏମ୍ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ସମସ୍ୟାକୁ ନେଇ ଆଜି ପର୍ଯ୍ୟନ୍ତ ପ୍ରଶାସନ ଗମ୍ଭୀର ନଥିବାରୁ ଜମି ସମସ୍ୟା ସମାଧାନ କେବେ ହେବ ତାକୁ ନେଇ ଅନିଶ୍ଚିତତା ବଜାୟ ରହିଛି ।

ସୂଚନା ଅନୁଯାୟୀ, ଚଳିତ ବର୍ଷ ଜିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ନାମଲେଖା ଦ୍ୱିତୀୟ ଚୟନ ସରିଛି । ବର୍ତ୍ତମାନ ପର୍ଯ୍ୟନ୍ତ କଟଅଫ ମାର୍କ କଳାରେ ୬୭.୩୩ ପ୍ରତିଶତ, ବିଜ୍ଞାନ ୭୫.୮୦ ପ୍ରତିଶତ ଏବଂ ବାଣିଜ୍ୟରେ ୬୧.୩୩ ପ୍ରତିଶତ ପର୍ଯ୍ୟନ୍ତ ଯାଇଛି । ଆଜି ବି ପ୍ରତିଭାଶାଳୀ ପିଲାଙ୍କ ପାଇଁ ଜିଏମ୍ ହିଁ ପ୍ରଥମ ପସନ୍ଦ । ହେଲେ ପିଲାଙ୍କ ଆବଶ୍ୟକତା ପାଇଁ ଦୃଷ୍ଟି ଦିଆଯାଉ ନାହିଁ । ଗତବର୍ଷ ପ୍ରଫେସର କଲୋନି କି ଜିଏମ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ ନିକଟସ୍ଥ ଜମି ଦିଆଯିବା ନେଇ ପ୍ରତିଶ୍ରୁତି ଦେଲେ, କିନ୍ତୁ କେଉଁଠି ବି ଜମି ଖଣ୍ଡେ ମିଳିଲା ନାହିଁ । ପ୍ରଫେସର କଲୋନିରେ ଆମିଷ ବଜାର କଲେ, ସେଠି କ୍ରେତା, ବିକ୍ରେତା କାହାରି ଭିଡ଼ ଜମୁନଥିଲେ ମଧ୍ୟ ତାହା ଜିଏମ୍‌ର ଯୁକ୍ତ ଦୁଇ ପିଲାଙ୍କ ପାଇଁ ହସ୍ତାନ୍ତରିତ ହୋଇ ପାରିଲା ନାହିଁ । କିଛିଦିନ ପୂର୍ବରୁ ଏହି ଅନୁଷ୍ଠାନକୁ ସ୍ୱତନ୍ତ୍ର ଜମି ଓ କୋଠା ପାଇଁ ସ୍ଥାନୀୟ ଅଧିବାସୀ ରାଜସ୍ୱ ମନ୍ତ୍ରୀ ଏବଂ ଜିଲ୍ଲାପାଳଙ୍କଠାରେ ଦାବି କରିଥିଲେ । ଏହାକୁ ନେଇ ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଲା । ହେଲେ କିଛି ଲାଭ ହେଲା ନାହିଁ । ଏପରିକି କଲେଜ ଏବଂ ବିଶ୍ୱବିଦ୍ୟାଳୟ ଜମି ସମସ୍ୟା ଆଲୋଚନା ବେଳେ ଜିଏମ୍ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ସମସ୍ୟା ପ୍ରମୁଖତାର ସହିତ ସ୍ଥାନ ପାଇଲା, କିନ୍ତୁ ସମାଧାନ ବାହାରିଲା ନାହିଁ ୧୯୯୮ ମସିହାରେ ଯୁକ୍ତ ଦୁଇ ବିଦ୍ୟାର୍ଥୀଙ୍କ ପାଠପଢ଼ାର ଗୁରୁତ୍ୱ ଦୃଷ୍ଟିରୁ ସରକାରଙ୍କ ନୂଆ ନିୟମ ଅନୁଯାୟୀ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଗଙ୍ଗାଧର ମେହେର କନିଷ୍ଠ କଲେଜ ପୃଥକ୍ ହୋଇଥିଲା । ଇତିମଧ୍ୟରେ ଏହି ଅନୁଷ୍ଠାନର ନାମ ଦୁଇଥର ବଦଳି ସାରିଛି । ୨୬ ବର୍ଷ ମଧ୍ୟରେ ଜିଏମ୍ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଯୁକ୍ତଦୁଇ ବିଦ୍ୟାର୍ଥୀଙ୍କ ପାଠପଢ଼ା ନେଇ କଳେବର ତ ବଢ଼ି ନାହିଁ, ବରଂ ପୂର୍ବଠାରୁ ଅବସ୍ଥା ଆହୁରି ଖରାପ ହୋଇପଡ଼ିଛି । ସ୍ୱତନ୍ତ୍ର ଭାବରେ ଜିଏମ୍ କନିଷ୍ଠ କଲେଜ ପ୍ରତିଷ୍ଠା ହେଲା, ଏହାର ବିଜ୍ଞାନରେ ୨୮୮, କଳାରେ ୫୧୨ ଓ ବାଣିଜ୍ୟରେ ୩୨୦ ସିଟ୍ ଥିଲା । ବର୍ତ୍ତମାନ ମଧ୍ୟ ସିଟ୍ ସଂଖ୍ୟା ଅପରିବର୍ତ୍ତିତ ରହିଛି । ଆଜି ପର୍ଯ୍ୟନ୍ତ ଅନୁଷ୍ଠାନର ସ୍ୱତନ୍ତ୍ର ଜମି କି କୋଠା ନାହିଁ । ଜିଏମ୍ ବିଶ୍ୱବିଦ୍ୟାଳୟ ଉପରେ ଏହା ନାହିଁ । ଜିଏମ୍ ବିଶ୍ୱବିଦ୍ୟାଳୟ ଉପରେ ଏହା ନିର୍ଭରଶୀଳ ହୋଇରହିଛି । ବର୍ତ୍ତମାନ ସ୍ଥିତିରେ ଜିଏମ୍ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ପାଠପଢ଼ା ପାଇଁ ଅନ୍ୟୁନ ୩୬ଟି ଶ୍ରେଣୀ ଗୃହ ଆବଶ୍ୟକ । କିନ୍ତୁ ମାଧ୍ୟମିକ ବିଦ୍ୟାଳୟକୁ ମାତ୍ର ୧୧ଟି କୋଠରି ମିଳୁଛି । ଏଥିଯୋଗୁଁ ୪୮ ବଦଳରେ ୧୨୮ ଜଣ ବିଦ୍ୟାର୍ଥୀଙ୍କୁ ନେଇ କ୍ଲାସ କରିବାକୁ ପଡୁଛି । ଏଭଳି ସ୍ଥିତିରେ ପାଠପଢ଼ା କିଭଳି ହେଉଥିବ ଅନୁମାନ କରା ଯାଇପାରେ । ଯୁକ୍ତ ଦୁଇ ପରୀକ୍ଷାବେଳେ ୧ ମାସ ଧରି ଜିଏମ୍‌ୟୁ ବିଦ୍ୟାର୍ଥୀଙ୍କ କ୍ଲାସ ବାତିଲ କରିବାକୁ ପଡ଼େ ଅର୍ଥାତ ଶ୍ରେଣୀଗୃହ ଅଭାବର ସମସ୍ୟା ଉଭୟ ଜିଏମ୍‌ୟୁ ଏବଂ ଜିଏମ୍ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟକୁ ସହିବାକୁ ପଡୁଛି । ଏଠାରେ ୧୯୯୮ ଢାଞ୍ଚାରେ ଆଜି ବି ପ୍ରାକ୍ଟିକାଲ ଚାଲିଛି । ଚତୁର୍ଥରେ ଏଠାରେ ଏଭଳି ପାଠାଗାର ରହିଛି ଯେଉଁଠି ବିଦ୍ୟାର୍ଥୀଙ୍କ ପାଇଁ ବହି ନାହିଁ । ଜଗୁଆଳି, ସଫେଇ କର୍ମଚାରୀ ଭଳି ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟ ଅଭାବ ରହିଛି । ଏତିକିରେ ସମସ୍ୟା ସରୁ ନାହିଁ । ଜିଏମ୍ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ପ୍ରାୟ ୬୫ ପ୍ରତିଶତ ବିଦ୍ୟାର୍ଥୀ ଗ୍ରାମାଞ୍ଚଳ କିମ୍ବା ପଡ଼ୋଶୀ ଜିଲ୍ଲାର ଯେଉଁମାନଙ୍କ ପାଇଁ ଛାତ୍ରାବାସର ଆବଶ୍ୟକତା ରହିଛି । ଏଠାରେ ଉଭୟ ଛାତ୍ରୀ ଓ ଛାତ୍ରଙ୍କ ପାଇଁ ୩୦୦-୩୦୦ ବିଶିଷ୍ଟ ଦୁଇଟି ଛାତ୍ରାବାସ ରହିଥିଲେ ଆଉ ଦୁଇଟିର ଆବଶ୍ୟକତା ରହିଛି ।

ଝାରସୁଗୁଡ଼ା ଜିଲ୍ଲାର ୧ ଲକ୍ଷ ୨୯ ହଜାର ହିତାଧିକାରୀଙ୍କ ଖାତାକୁ ଗଲା ଟଙ୍କା

ଝାରସୁଗୁଡ଼ା : ଜିଲ୍ଲାର ପ୍ରାୟ ୧ ଲକ୍ଷ ୨୯ ହଜାର ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଦିଆଯାଇଛି । ଏ ଅବସରରେ ସ୍ଥାନୀୟ ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ ।

ଏ ଅବସରରେ ବିଧାୟକ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ପ୍ରମୋଦ ସେନାପତି ଏବଂ ବରଗଡ଼ ସାଂସଦଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଓ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଆଭାସି ମାଧ୍ୟମରେ କୋରାପୁଟର ଜୟପୁରଠାରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ସମସ୍ତେ ଦେଖିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

ରଙ୍ଗବତୀ ବିଲୁଙ୍ଗରେ ମେହେର ଜୟନ୍ତୀ ପାଳିତ

ସମ୍ବଲପୁର: ବାମରା ବ୍ଲକ ରଙ୍ଗବତୀ ବିଲୁଙ୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ପବିତ୍ର ରକ୍ଷାବନ୍ଧନ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି । ଏ ଅବସରରେ ବିଦ୍ୟା ମନ୍ଦିର ପୂର୍ବତନ ଉପସଭାପତି ତଥା ନୂଆଁଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୁଳମଣି ପଟେଲ ମୁଖ୍ୟ ଅତିଥି, ପରିଚାଳନା ସମିତିର ସଭାପତି ଅନନ୍ତ କୁମାର ପଟେଲ ଓ ସଂପାଦକ ବିହାରି ଲାଲ ଚୌହାନ ସମ୍ମାନିତ

ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ସେନାପତି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଆଚାର୍ଯ୍ୟ କକିଲ କମାର ଧନ୍ୟବାଦ୍ ଅର୍ପଣ ଦେଇ ଥିଲେ ।

ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

Subscription Rate of The Sweekar

Life Member	-	Rs.5000.00
Annual	-	Rs. 500.00
Half-yearly	-	Rs. 250.00
Quarterly	-	Rs. 120.00

Advertisement Tariff of The Sweekar

Full Page	-	Rs. 2,00,000.00
Half Page	-	Rs. 1,00,000.00
Quarter Page	-	Rs. 50,000.00

Colour Advertisement - 100% Extra

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ମେହେର ଜୟନ୍ତୀ

ସମ୍ବଲପୁର: ଗଙ୍ଗାଧର ସାହିତ୍ୟରେ ଓଡ଼ିଆତ୍ୱ, ସାମାଜିକ ଚେତନା ଓ ସାଂସ୍କୃତିକ ବିଭବର ପରିପୂର୍ଣ୍ଣ ପ୍ରକାଶ ଅଦ୍ଭୁତ ଓ ଅଲୌକିକ । ନମ୍ରତା ହେଉଛି ତାଙ୍କ ସାହିତ୍ୟର ଭୂଷଣ ବୋଲି ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣ କେଶବ ଷଡଙ୍ଗୀ କହିଛନ୍ତି ।

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାକ୍ତର ଷଡ଼ଙ୍ଗୀ କବି ଗଙ୍ଗାଧରଙ୍କୁ 'ରଙ୍ଗାଜୀବ' କହିବାର ତାତ୍ପର୍ଯ୍ୟ କହିବା ସହିତ କିଭଳି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାରସ୍ୱତ ଉତ୍ତର-ଦାୟାଦ ଭାବରେ ଗଙ୍ଗାଧର ରସରଚୟାକରରେ 'ରଙ୍ଗାଜୀବ' ଶବ୍ଦର ବ୍ୟବହାର କରିଛନ୍ତି ତାହା ପ୍ରକାଶ କରିଥିଲେ । ଆହୁରି ମଧ ଡାକ୍ତର ଷଡଙ୍ଗୀ ସ୍ୱଭାବକବିଙ୍କ ବିବିଧ କାବ୍ୟ କବିତାରେ ପୁରି ରହିଥିବା ଓଡିଆତ୍ୱଭାବ ଓ ବିଚାର ସଂପର୍କରେ ବହୁ ଉଦାହରଣ ମାଧ୍ୟମରେ ସବିଶେଷ ଆଲୋଚନା କରିଥିଲେ । ଉତ୍ତରଦାୟାଦ ମାନଙ୍କୁ ଗଙ୍ଗାଧରସାହିତ୍ୟ ସଂପର୍କରେ ବିଶଦ ଅବଗତି ସହ ସଚେତନ କରାଇବାର ସଂକଳ୍ପ ନେବାକୁ ସେ ନିବେଦନ କରିଥିଲେ । ଅନୁଷ୍ଠାନର ସଭାପତି ଡକ୍ଟର ପରେଶ ଦାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଏମସିର ଡେପୁଟି କମିସନର ହରି ଓମ୍ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶାସ୍ତ୍ରୀୟ ନୃତ୍ୟରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରିଥିବା କୁନି କଳାକାର ଆହାନା ପୁରୋହିତଙ୍କୁ 'ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସମ୍ପାଦକ ଦୀନବନ୍ଧୁ ପଣ୍ଡା ସ୍ୱାଗତ ଭାଷଣ, ସତ୍ୟନାରାୟଣ ଠାକୁର ମାନପତ୍ର ପାଠ ଓ ସୁଶ୍ରୀ ଆହାନା ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରିଥିଲେ । ପ୍ରାରମ୍ଭରେ ମନମୋହନ ବେହେରା ଗଙ୍ଗାଧର ସଙ୍ଗୀତ ପରିବେଷଣ ଏବଂ ଯୁଗ୍ମ ସମ୍ପାଦକ ଲଳିତ ମୋହନ ବେବର୍ତା ଧନ୍ୟବାଦ ଦେଇଥିଲେ । ଅଶୋକ କୁମାର ମିଶ୍ର, କୈଳାଶ ମିଶ୍ରା, ପ୍ରଶାନ୍ତ ପାଟଯୋଷୀ ଓ ତାପସ କୁମାର ଦାସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ସକାଳେ ଗଙ୍ଗାଧର ବିଶ୍ୱବିଦ୍ୟାଳୟ ଓ ଟାଉନହଲ ସ୍ଥିତ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ଅନୁଷ୍ଠାନ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱ-ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି । ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଗ୍ମୀ ତଥା ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ସଂସ୍କୃତ ଓ ଓଡ଼ିଆ ଭାଷାର ଯଥାର୍ଥ ଶବ୍ଦପ୍ରୟୋଗ ତଥା ରୀତିସାହିତ୍ୟର ଅନୁସରଣରେ ଗଙ୍ଗାଧର ମେହେର ନୈଷଧୀୟ ଛଟା ପ୍ରକାଶ କରିଛନ୍ତି । ଶ୍ରୀମଦ ଭାଗବତ ମହାପୁରାଣରେ ବର୍ଣ୍ଣିତ 'ଅପ୍ରମତ୍ତ' ଠାରୁ 'କାରୁଣିକ' ପର୍ଯ୍ୟନ୍ତ କବିର ୯ଟି ଲକ୍ଷଣ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ଗଙ୍ଗାଧର ସମସ୍ତ ୯ଟି ଯାକ ଲକ୍ଷଣର ଅଧିକାରୀ ଥିବାରୁ 'ସ୍ୱଭାବକବି' ଭାବରେ ସୁପରିଚିତ । ଶ୍ରୀ ଷଡ଼ଙ୍ଗୀ ସଂସ୍କୃତ ସାହିତ୍ୟଠାରୁ ଆରମ୍ଭ କରି ଓଡ଼ିଆ ରୀତିସାହିତ୍ୟର ବହୁବିଧ ଉଦାହରଣ ସହିତ ଗଙ୍ଗାଧରଙ୍କ 'ଚନ୍ଦ୍ରରଜନୀ' କବିତାରେ ଚନ୍ଦ୍ରକଳଙ୍କ ବର୍ଣ୍ଣନାର ବୈଶିଷ୍ଟ୍ୟ ଉପସ୍ଥାପନ କରିଥିଲେ ।

'ଚିରସନ୍ଧାନ'ର ସଂପାଦକ ଡକ୍ଟର ପାର୍ଥସାରଥି ଅଜୟ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗଙ୍ଗାଧରଙ୍କ କାବ୍ୟ ଜଗତର ଅତୁଳନୀୟ ଚରିତ୍ର ଚିତ୍ରଣ, ପ୍ରକୃତି ବର୍ଣ୍ଣନା, ବିଷୟ ବିନ୍ୟାସ, ଶବ୍ଦ ସଂଯୋଜନା ସଂପର୍କରେ ଜୀବନ ଏବଂ ସମାଜ ଉପଯୋଗୀ ତୁଳନାତ୍ମକ ଦିଗ ଉପରେ କହିଥିଲେ । କୁଳସଚିବ ସନତ କୁମାର ନାୟକ, ସ୍ନାତକୋତ୍ତର ବିଭାଗର ସମୂହର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଉପକୁଳସଚିବ ଡକ୍ଟର ଉମାଚରଣ ପତି, ବିତ୍ତ ବିଭାଗ ନିୟନ୍ତ୍ରକ ଜଗନ୍ନାଥ ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାର୍ଥୀମାନେ 'ମୁଁ ତ ଅମୃତ ସାଗର ବିନ୍ଦୁ' ପରିବେଷଣ କରିଥିଲେ । ଗବେଷିକା ଅନନ୍ୟା ବେହେରା ସଭା ପରିଚାଳନା କରିଥିବା ବେଳେ ଛାତ୍ର କଲ୍ୟାଣ ଅଧିକାରୀ ପାର୍ଥସାରଥି ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅତିଥି ଅଧ୍ୟାପକ ଡକ୍ଟର ନବୀନ ଜାଲଙ୍କ ରଚିତ 'ସାହିତ୍ୟର ସ୍ୱରୂପ' ପୁସ୍ତକ ଉନ୍ମୋଚିତ ହୋଇଥିଲା ।

'ସାମଗ୍ରିକ ସୁସ୍ଥତା ପାଇଁ ଭାବପ୍ରବଣ ସାକ୍ଷରତା' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର: ଆଇଟିଇଆର, ସୋଆ ବିଶ୍ୱବିଦ୍ୟାଳୟ 'ହ୍ୟୁମାନିଟିଜ୍ ଆଣ୍ଡ୍ ସୋସିଆଲ୍ ସାଇସେସ୍' ବିଭାଗ ଆନୁକୂଲ୍ୟରେ 'ସାମଗ୍ରିକ ସୁସ୍ଥତା ପାଇଁ ଭାବପ୍ରବଣ ସାକ୍ଷରତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଷଡ଼ଙ୍ଗୀ, ଆପିକଲ ସହକାରୀ ନିର୍ଦ୍ଦେଶକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଏବଂ ପ୍ରଫେସର ମିହିର ରାୟ ବକ୍ତାଭାବେ ଯୋଗ ଦେଇଥିଲେ । ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ୍ ସାଇନ୍ସେସ୍ ବିଭାଗର ମୁଖ୍ୟ ଡକ୍ଟର କବିତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ସ୍ଥିତପ୍ରଜ୍ଞା, ଡକ୍ଟର ମାଳବିକା ଏବଂ ଡଃ ସୋନାଲି ଏବଂ ସମନ୍ୱୟ କମିଟିର ସଭ୍ୟ ଡକ୍ଟର ଅଞ୍ଜନ, ଡକ୍ଟର ମନସ୍ୱିନୀ ଓ ସନ୍ତୋଷିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବିଭାଗୀୟ କାନ୍ଥ ପତ୍ରିକା ଉନ୍ମୋଚିତ ହୋଇଥିଲା ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଛବିଳ ସେଠ୍‌ଙ୍କ ପରଲୋକ

ସୁନ୍ଦରଗଡ଼ : ବଡ଼ଗାଁର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା କବି ଓ ଗାଳ୍ପିକ ଛବିଳ ସେଠ୍ (୯୧) ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ଉଚ୍ଚକୋଟିର ସାରସ୍ୱତ ସାଧକ ଥିଲେ । ବଡ଼ଗାଁ ହାଇସ୍କୁଲରୁ ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ । ସେ ନିଜସ୍ୱ ପ୍ରଚେଷ୍ଟାରେ ବଡ଼ଗାଁ ମାଉସୀ ମା' ମନ୍ଦିର ପ୍ରତିଷ୍ଠା କରିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସିଣ୍ଡିକେଟ୍ ସଦସ୍ୟ ଓ ସୁନ୍ଦରଗଡ଼ ସଂସ୍କୃତ ପରିଷଦର ସଦସ୍ୟ ଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ, ବଡ଼ଗାଁ ଜିଲ୍ଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ସରପଞ୍ଚ ସଂଘ ସଭାପତି ଯୋଗୀନ୍ଦ୍ର କିସାନ, ବଡ଼ଗାଁ ଆଇଟିଆଇ ପ୍ରତିଷ୍ଠାତା ରାମଚନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକୁମାର ଶର୍ମା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

ବାଳକିଷନ ପଟ୍ଟୱାରୀଙ୍କ ସ୍ମୃତିରେ ରକ୍ତଦାନ ଶିବିର

ସମ୍ବଲପୁର: ସମାଜସେବୀ ବାଳକିଷନ ପଟ୍ଟୱାରୀଙ୍କ ୮୦ତମ ଜନ୍ମଦିନ ଅବସରରେ ବାଳକିଷନ ପଟ୍ଟୱାରୀ ଚେରୀଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବିକାଶ ହସ୍ପିଟାଲରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସ୍ୱୟଂ ସଂଘର ପ୍ରାକ୍ତନ ପ୍ରାନ୍ତ ସଂଘ ଚାଳକ ବିପିନ ବିହାରି ନନ୍ଦ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରେ ୪୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବାଳକ୍ରିଷ୍ଣା ପଟ୍ଟୱାରୀ ଟ୍ରଷ୍ଟର ଅରୁଣ ପଟ୍ଟୱାରୀ, ଅଶୋକ ଜଲାନ, କେଶବ ଡାଲମିଆ, 'ଉତ୍ସର୍ଗ'ର ସୁଧୀର ପୂଜାରୀ, ଡାକ୍ତର ଦିଲିପ କୁମାର ନନ୍ଦ, ଜିତେଶ ଅଗ୍ରୱାଲ ଏବଂ ଦିଲିପ ପଣ୍ଡା ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra